**ସଂକ୍ଷେପରେ**

## ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷାଙ୍କ ପରଲୋକ

ମାଲକାନଗିରି, ୨୮।୧ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଜିଲା ଆଦିବାସୀ ସମ୍ପ୍ରଦାୟର ଟାଣୁଆ ନାରୀନେତ୍ରୀ ତଥା ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପଦ୍ମିନୀ ମୁଦୁଲିଙ୍କର ରବିବାର ପୂର୍ବାହ୍ନରେ ଗୋବିନ୍ଦପାଲୀ ବାସଭବନରେ ହୃଦଘାତରେ ଦେହାନ୍ତ ହୋଇଛି। ଖବର ଜଣାପଡିବା ପରେ ଜିଲାରେ ଏକ ଶୋକର ଛାୟା ଖେଳିଯାଇଛି। ସେ ଆଦିବାସୀ ମହିଳା ହୋଇଥିଲେ ମଧ୍ୟ ରାଜନୀତି କ୍ଷେତ୍ରରେ ବହୁ ଆଗୁଆ ଥିଲେ। ଜନତା ଦଳ ଓ ବିଜୁ ଜନତା ଦଳରେ ସେ ଜଣେ ସକ୍ରିୟ କର୍ମକର୍ତ୍ତା ଓ ସୁସଂଗଠକ ଭାବେ କାର୍ଯ୍ୟ କରି ଜିଲାରେ ପ୍ରିୟପାତ୍ର ହୋଇ ଥିଲେ। ସେ ୨୦୧୨ରୁ ୨୦୧୭ ପର୍ଯ୍ୟନ୍ତ ଜିଲା ପରିଷଦ ଅଧ୍ୟକ୍ଷା ଭାବେ ଦାୟିତ୍ୱ ତୁଲାଇଥିଲେ। ବହୁ ରାଜନେତା ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ପୂର୍ବତନ ବିଧାୟକ ମାନସ ମାଡକାମି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ଜିଲା ପରିଷଦ ଅଧ୍ୟଧ ସମାରୀ ତାଙ୍ଗୁଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ନାୟକ, ପୁରାତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ବୁରୁଦା, ବିଜୁ ଜନତା ଦଳର ବରିଷ୍ଠ ନେତା ଗୋପାଳକୃଷ୍ଣ ପଣ୍ଡା, ପ୍ରଭାକର ପ୍ରଧାନ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷ ବଂଶୀଧର ମୁଦୁଲି, ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଆବାହକ ବ୍ରଜ ମାଝି ପ୍ରମୁଖ ଦୁଃଖ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ମାଲକାନଗିରି ମାନଚିତ୍ରରେ ଥାଇ ରେକର୍ଡରେ ନାହିଁ ଗ୍ରାମ

ମାଲକାନଗିର, ୨୮।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମାନଚିତ୍ରରେ ଏକ ଗ୍ରାମ ଥାଇ ମଧ୍ୟ ରେକର୍ଡରେ ଉଲ୍ଲେଖ ନ ଥିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଗତ ୨ ବର୍ଷ ପୂର୍ବେ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଆନ୍ଧ୍ର ସୀମାନ୍ତକୁ ଲାଗି ଜୁମଡାଙ୍ଗ ଗ୍ରାମ ରହିଛି। ଏହା ଓଡ଼ିଶା ମାନଚିତ୍ରରେ ଥିବା ବେଳେ ପ୍ରଶାସନ ରେକର୍ଡରେ ନ ଥିବାରୁ ଆନ୍ଧ୍ରପ୍ରଦେଶ ଏହି ଗ୍ରାମକୁ କବ୍‌ଜା କରିଥିଲା। ଏହି ଘଟଣା ସେହି ସମୟରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜିଲା ପ୍ରଶାସନର ବିଭିନ୍ନ ବିଭାଗ ଅଧିକାରୀମାନେ ତତ୍ପର ହୋଇ ଉକ୍ତ ଗ୍ରାମକୁ ଯାଇ ସମସ୍ତ ସୁବିଧା ସୁଯୋଗ ଦେବା ସହ ସେଠାରେ ତୁରନ୍ତ ଏକ ବିଦ୍ୟାଳୟ ପ୍ରତିଷ୍ଠା ସହ ଓଡ଼ିଆ ଶିକ୍ଷା ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ଗ୍ରାମକୁ ପ୍ରଶାସନ ନିଜ ରେକର୍ଡରେ ଅନ୍ତର୍ଭୁକ୍ତ କରିଥଲା।

ସେହିପରି ଏକ ଗ୍ରାମ ମାଲକାନଗିରି




ଜିଲା ଗୁଗୁଲ ଆପ୍ ମାନଚିତ୍ରରେ ଥିବା ବେଳେ ପ୍ରଶାସନିକ ରେକର୍ଡରେ ନ ଥିବା ଆଶ୍ଚର୍ଯ୍ୟ କରୁଛି। ଚିତ୍ରକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ଗନ୍ଧୀ ନାମକ ଏହି ଗ୍ରାମରେ ୬୦ରୁ ଉର୍ଦ୍ଧ୍ୱ ଜନଜାତିର ଡିଡାଇ ପରିବାର ବସବାସ କରନ୍ତି। ଏହି ଗ୍ରାମକୁ ଯିବାକୁ ହେଲେ ନାକାମାମୁଡି ସଦର ପଞ୍ଚାୟତଠାରୁ ନିଲାପାରି, ପିପିଲିପଦର ଓ କେନ୍ଦୁଗୁଡା ଗ୍ରାମକୁ ଗଲା ପରେ କେନ୍ଦୁଗୁଡା ଛକରୁ ତାରକାଗୁଡା ଯିବା ରାସ୍ତାରେ ଏହି ଗ୍ରାମ ପଡୁଥିବା ବେଳେ ମଝିରେ ୧ କି.ମି.ଘାଟି ପାର ହେଲା ପରେ ଏହି ଗ୍ରାମ ପଡୁଛି। ତେବେ ଏହି ଗ୍ରାମକୁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁଥିଲା ବେଳେ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ମଧ୍ୟ ହୋଇଛି। ଏହି ଗ୍ରାମକୁ ଯେଉଁ ରାସ୍ତା ନିର୍ମାଣ ଚାଲିଛି ତାହା ଦାମୋଦରବେଡା ଗ୍ରାମ ନାମରେ ଚାଲିଥିବା ବେଳେ ଏହି ଗ୍ରାମର ଜନସାଧାରଣ ଦାମୋଦରବେଡା ଗ୍ରାମ ନାମରେ ବାର୍ଦ୍ଧକ୍ୟ ଭତ୍ତା ପାଉଛନ୍ତି। ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର କିମ୍ବା ବିଦ୍ୟାଳୟ ନାହିଁ। ଗ୍ରାମର କୌଣସି ଲୋକଙ୍କ ଘରବାରି ପଟ୍ଟା, ଜମି ପଟ୍ଟା କିମ୍ବା ଜଙ୍ଗଲ ଜମି ପଟ୍ଟା ନାହିଁ, କିନ୍ତୁ ଏହି ଗ୍ରାମବାସୀ ଆଜକୁ ପ୍ରାୟ ୭୫ ବର୍ଷ ହେଲା ସେଠାରେ ବସବାସ କରୁଥିବା ମୁଖିଆ ପଲାସୀ ପ୍ରକାଶ କରିଛନ୍ତି। ଏଥିପାଇଁ ଗ୍ରାମବାସୀ ପୂର୍ବରୁ ଅନେକ ଥର ଜିଲାପାଳ ଓ ଚିତ୍ରକୋଣ୍ଡା ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ। ଫଳରେ ବିଭିନ୍ନ ସରକାରୀ ଯୋଜନାରୁ ଗ୍ରାମବାସୀ ବଞ୍ଚିତ ହେଉଛନ୍ତି। ଦୀର୍ଘ ୭୫ ବର୍ଷ ହେଲା ମାଲକାନଗିରି ଜିଲାରେ ବସବାସ କରୁଥିଲେ ମଧ୍ୟ ପ୍ରଶାସନକୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ରେକର୍ଡରେ ତାଙ୍କ ଗ୍ରାମ ନାମ ନ ଚଢିବାରୁ ଗ୍ରାମବାସୀ ବାଧ୍ୟ ହୋଇ ବିକଳ୍ପ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏଣୁ ତୁରନ୍ତ ରାଜସ୍ୱ ଗ୍ରାମ ଘୋଷଣା କରାଯିବା ସହ ସମସ୍ତ ପରିବାରଙ୍କୁ ୧ ମାସ ମଧ୍ୟରେ ଘରବାରି, ଚାଷ ଜମି, ଜଙ୍ଗଲ ଜମି ପଟ୍ଟା ପ୍ରଦାନ ସହ ଅଙ୍ଗନୱାଡି, ବିଦ୍ୟାଳୟ, ପାନୀୟ ଜଳ ଇତ୍ୟାଦିର ସୁବିଧା କରିବା ପାଇଁ ଦାବି କରିଛନ୍ତି।

# ଚାଲି ଚାଲି ଅଯୋଧ୍ୟା ଯାଇ ଫେରିଥିବା ୨ ଜଣଙ୍କୁ ସମ୍ବର୍ଦ୍ଧନା



ଅଯୋଧ୍ୟାରୁ ଫେରିଥିବା ୨ ବ୍ୟକ୍ତିଙ୍କୁ ମାଲକାନଗିରିରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଉଛି ।

ମାଲକାନଗିରି, ୨୮।୧ (ଦୁର୍ଯ୍ୟୋଧନ ପାତ୍ର)

ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଗତ ଡିସେମ୍ବର ୨୦ରେ ମାଲକାନଗିରିରୁ ଅଯୋଧ୍ୟା ୧୬୦୦ କି.ମି.ପଦଯାତ୍ରାରେ ଯାଇ ସେଠାରେ ରାମଲାଲାଙ୍କ ଦର୍ଶନ କରି ରବିବାର ମାଲକାନଗିରି ଫେରିଛନ୍ତି ୨ ବ୍ୟକ୍ତି। ଦିନେଶ ପଟ୍ଟନାୟକ ଓ ଲୁଲୁ ଭାଇ ରବିବାର ମାଲକାନଗିରି ପହଞ୍ଚିବା ପରେ ସୁଭାସ ବୋଷ ଛକ ହନୁମାନ ମନ୍ଦିରରେ ସହରବାସୀଙ୍କ ତରଫରୁ ଉଭୟଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶତାଧିକ ମହିଳା ପୁରୁଷ ବାଦ୍ୟ ଏବଂ ନୃତ୍ୟ ସହ ହନୁମାନ ମନ୍ଦିରରୁ ରାମ ମନ୍ଦିର ପର୍ଯ୍ୟନ୍ତ ଶୋଭାଯାତ୍ରାରେ ନେଇଥିଲେ। ୨ ଜଣ ପ୍ରତିଦିନ ୪୦ରୁ ୫୦ କି.ମି.ପଦଯାତ୍ରା କରି ଛତିଶଗଡ଼ ଓ ମଧ୍ୟପ୍ରଦେଶ ଦେଇ ଗତ ୨୧ ତାରିଖରେ ଅଯୋଧ୍ୟାରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ସାମାଜିକକର୍ମୀ ଜି.ଶ୍ରୀନିବାସ ରାଓ, ଶିକ୍ଷାବିତ୍ ଶିବ ପ୍ରସାଦ କୀର୍ତ୍ତନିଆଙ୍କ ସହ ଦଳଗତ ନିର୍ବିଶେଷରେ ବହୁ ସଂଖ୍ୟାର ରାମଭକ୍ତ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# କିସ୍ କିଟ୍ ପକ୍ଷରୁ ୬ଷ୍ଠ ମିନି ମାରାଥନ




ମିନି ମାରାଥନରେ ଆୟୋଜିତ ବୈଠକରେ ମଞ୍ଚାସୀନ ଅତିଥି ।

ମାଲକାନଗିରି, ୨୮।୧ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ କିସ୍ ଓ କିଟ୍ ପକ୍ଷରୁ ୬ଷ୍ଠ ମିନି ମାରାଥନ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହାକୁ ମାଲକାନଗିରି ଡିଏଫ୍‌ଓ ପ୍ରତାପ କତାପାଲ୍ଲୀ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ଭୂଜବଳ, ବନାଞ୍ଚଳ ଅଧିକାରୀ ଜଗନ୍ନାଥ ବିଶୋଇ, ପୂର୍ବତନ ଭାରତୀୟ କ୍ରିକେଟ କମିଟି ବରିଷ୍ଠ ଟିମ୍ ମ୍ୟାନେଜର ସତବୀର ସିଂରିଆର ଏବଂ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁଷନ୍ତ କୁମାର ଜେନା, ଗୋପୀକୃଷ୍ଣ ପଟ୍ଟନାୟକ, ରତ୍ନାକର ଦାସ, ଦେବବ୍ରତ ସାନା ଓ ଶ୍ୟାମ ସୁନ୍ଦର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମାଲକାନଗିରି ଷ୍ଟାଡିୟମଠାରୁ ମାଲ୍ୟବନ୍ତ ଛାତ୍ରାବାସ ପର୍ଯ୍ୟନ୍ତ ଏହି ମିନି ମାରାଥନ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ମହିଳା ମହାବିଦ୍ୟାଳୟ ମାଲ୍ୟବନ୍ତ ହଷ୍ଟେଲ ଓ ଆଓମା ଗୁରୁକୁଳର ମୋଟ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। କିସ୍ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଏଭଳି ପ୍ରୟାସକୁ ଅତିଥି ଏବଂ ବୁଦ୍ଧିଜୀବୀମାନେ ପ୍ରସଂସା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଜିଲା କିସ୍ କିଟ ବରିଷ୍ଠ ସଂଯୋଜକ ରମ୍ୟରଞ୍ଜନ ପରିଡା,ସହ ସଂଯୋଜକ ଉତ୍ତମ ସାହା, ବିନାଶ ମିଶ୍ର ଓ ପ୍ରସାଦ ନାୟକ ।

## ପ୍ରତିଭା ସମ୍ବର୍ଦ୍ଧନା, କବିତା ପାଠୋତ୍ସବ

ନବରଙ୍ଗପୁର, ୨୮।୧ (ସଦାଶିବ ପ୍ରହରାଜ)

ବନସୁରଭି ପ୍ରକାଶନ ପକ୍ଷରୁ ବଲ୍ଲଭ ରାଉତଙ୍କ ଆହ୍ୱାନକ୍ରମେ ଅନୁଷ୍ଠାନର ୩୬ତମ ବାର୍ଷିକ ଉତ୍ସବ, ପ୍ରତିଭା ସମ୍ବର୍ଦ୍ଧନା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। କବିତା ପାଠୋତ୍ସବରେ ପ୍ରଭାତୀ ଦେବନାଥଙ୍କ ସଭାପତିତ୍ୱ କରିଥିଲେ। ମନୋରମା ମହାପାତ୍ର ମୁଖ୍ୟ ଅତିଥି, ପ୍ରଭଞ୍ଜନ ତ୍ରିପାଠୀ, ସ୍ମୃତି ପଣ୍ଡା ସମ୍ମାନିତ ଅତିଥି ଓ ସଂଯୋଜକ ଭାବେ ଗୁରୁଦାସୀ ମଣ୍ଡଳ, ବୈଜୟନ୍ତୀ ମାଳା ରାଉତ ଉପସ୍ଥିତ ଥିଲେ। ସ୍ୱାଗତିକା ବାହିନୀପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଧନଞ୍ଜୟ ମଲ୍ଲ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନ ଡା ସୁରେନ୍ଦ୍ର ନାଥ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ମୁଖ୍ୟ ଅତିଥି, ସାହିତ୍ୟ ସଂଗଠକ ଲଳିତ ମୋହନ ନାୟକ, ନାରାୟଣ ପଣ୍ଡା, ବିଜୟ ଚୌଧୁରୀ, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ଗୋପାଳ ମହାରଣା ସମ୍ମାନିତ ଅତିଥି, ପ୍ରଫୁଲ୍ଲ ରାଉତ ମୁଖ୍ୟବକ୍ତାଭାବେ ଯୋଗଦେଇ ଥିଲେ। ଅତିଥି 'ବନ ସୁରଭି' ପୁସ୍ତକ ଲୋକାର୍ପିତ କରିଥିଲେ। ଗୁଟୁ ବାବୁ ପଟ୍ଟନାୟକ କାର୍ଯ୍ୟକ୍ରମର ସଂଯୋଜନା ଓ ପୁସ୍ତକ ସମୀକ୍ଷା କରିଥିଲେ। ତୃତୀୟ ଅଧିବେଶନ ବରିଷ୍ଠ ସାହିତ୍ୟିକ କେଦାରେଶ୍ୱର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବନସୁରଭି ଉପସଭାପତି ସୁବାସ ଚନ୍ଦ୍ର ବିଷୋୟୀ ମୁଖ୍ୟ ଅତିଥି, ଆଦିବାସୀ ଭାଷା ଗବେଷକ ସାଇମନ ବିଡିକା ସମ୍ମାନିତ ଅତିଥି ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପରୀକ୍ଷିତ ସାହୁ ଉପସ୍ଥିତ ଥିଲେ। ବରିଷ୍ଠ କବି ରତିକାନ୍ତ ଦୁବେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ ରାଜେନ୍ଦ୍ର ପାଢୀ, ସଚ୍ଚିଦାନନ୍ଦ ବଡ଼ୁଆ, ଶାନ୍ତିଲତା ମହାନ୍ତି, ପ୍ରଭାସିନୀ ମହାନ୍ତି, ରାମ ପ୍ରସାଦ ପାତ୍ର, ରବିନ୍ଦ୍ରନାଥ ବାହିନୀପତି, ସୁଧୀରାଜ ରାଉତ, ରମେଶଚନ୍ଦ୍ର ଟାକ୍ରୀ, ଜାହ୍ନବୀ ପଣ୍ଡା, ଅଧ୍ୟାପିକା ସ୍ୱପ୍ନା ମହାନ୍ତି, ପ୍ରଭାତୀ ଦେବନାଥ, ସୁରେଶ ଚନ୍ଦ୍ର ମିଶ୍ର, ସୁଶୋଭିତା ମେରିଲିନ ତୁରୁକ, ବିବେକାନନ୍ଦ ପଟ୍ଟନାୟକ, ଅଧ୍ୟାପକ ରମେଶଚନ୍ଦ୍ର ନାହାକ, ସ୍ୱାଗତିକା ସାହୁ, ସମୀର ପ୍ରଧାନ, ତ୍ରିପତି ବାଲାଜୀ ସାହୁ, ସ୍ୱର୍ଣ୍ଣଲତା ପଟ୍ଟନାୟକ, ସାଗର ପରିଡ଼ା, ଦୁର୍ଗାପ୍ରସାଦ ପାଢୀ, ସବ୍ୟସାଚୀ ବିଷୋୟୀ ଓ ସନ୍ତୋଷ କୁମାର ଖମାରୀ ସମ୍ବର୍ଦ୍ଧିତ ହୋଇଥିଲେ। ଗଣେଶ ପ୍ରସାଦ ରଣା ଧନ୍ୟବାଦ ଦେଇଥିଲେ।

## ଉଚ୍ଚ ବାଳିକା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

ପଡ଼ିଆ, ୨୮।୧ (ଭାସ୍କର ରାଓ)

ମାଲକାନଗିରି ଜିଲା ପଡ଼ିଆ ବ୍ଲକ ଉଣ୍ଡୁରୁକୋଣ୍ଡା ପଞ୍ଚାୟତ ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ବାଳିକା ବିଦ୍ୟାଳୟର ତୃତୀୟ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମାଲକାନଗିରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜିଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଡ଼ିଆ ବିଡିଓ ଅଭିମନ୍ୟୁ କବି ଶତପଥୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଗୁରୁ ବନ୍ଧୁ ପୂଜାରୀ, ରାଜ୍ୟ ମୁକ୍ତ ବିଦ୍ୟାଳୟ ଶାଖା ପରାମର୍ଶଦାତା କିଶୋର କୁମାର ଦାସ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ୟୋତି ପ୍ରକାଶ ବେହେରା, ଶିକ୍ଷାବିତ୍ ଏମ୍‌ବି ସୁବୁଦ୍ଧି ଓ ଅମୂଲ୍ୟ ପ୍ରଧାନ ପ୍ରମୁଖ ଉପସ୍ଥିତ ହୋଇଥିଲେ । ବିଦ୍ୟାଳୟ ଛାତ୍ରୀମାନଙ୍କୁ ନେଇ ବିଭିନ୍ନ କ୍ରୀଡା, ବକ୍ତୃତା, ସଙ୍ଗୀତ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷାର ବିକାଶ, ସମ୍ପ୍ରତି ପରିସ୍ଥିତିରେ ଶିକ୍ଷାବିତ୍‌ଙ୍କ ଭୂମିକା, ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ପାଇଁ ଆବଶ୍ୟକ କାର୍ଯ୍ୟଖସଡ଼ା ବାବଦରେ ସବିଶେଷ ଆଲୋଚନା କରିଥିଲେ। ଶିକ୍ଷାର କ୍ଷେତ୍ର ଅସରନ୍ତି ହୋଇଥିବା ବେଳେ ସାମ୍ପ୍ରତିକ ସ୍ଥିତିରେ ଶିକ୍ଷକ ନିଜେ ଶିଖିବା ସହ ଛାତ୍ରୀଛାତ୍ରମାନଙ୍କୁ ଶିଖାଇବା ହିଁ ଶିକ୍ଷାଦାନର ମାଧ୍ୟମ ହେବା ଆବଶ୍ୟକ ବୋଲି ପଡ଼ିଆ ବିଡିଓ ଶତପଥୀ କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷୟିତ୍ରୀ ବନାନୀ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ସରିତାରାଣୀ ଲେଙ୍କା, ପଞ୍ଚଗୁରୁ ମହାନନ୍ଦ, ଅଭିଷେକ ମଣ୍ଡଳ, ବିଜୟଲକ୍ଷ୍ମୀ ମହାରଣା, ବାଜିନାଥ ହେମ୍ବ୍ରମ, ଶୋଭାବତୀ ନାୟକ, ଦୀପକ କୁମାର ନାୟକ, ହରିହର ମାଢି, ଅପୂର୍ବ ରଞ୍ଜନ ଦାସ, ପ୍ରଭାସ କୁମାର ବରାଳ ଓ ଅନ୍ୟାନ୍ୟ ସ୍କୁଲ କର୍ମଚାରୀ ସହଯୋଗ କରିଥିଲେ।

## ଚକ୍ଷୁ ପରୀକ୍ଷା ଶିବିର

ଗୁଣୁପୁର, ୨୮।୧ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ନିର୍ବାଣ ଟ୍ରଷ୍ଟ ଏବଂ ଶଙ୍କର ଚକ୍ଷୁ ଚିକିତ୍ସାଳୟ ସମରଖୋଲ ହିଞ୍ଜିଳିକାଟୁଙ୍କ ମିଳିତ ଆନୁକୂଲ୍ୟରେ ଏକ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ସରସ ଆଙ୍ଗଲୋ ବେଦିକ ସ୍କୁଲ ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରକୁ ଅଖିଳ ଭାରତ ସନ୍ଥ ସମିତି ପୂର୍ବ ଭାରତ ମନ୍ତ୍ରୀ, ଅଖିଳ ଭାରତ ସନ୍ଥ ସମିତି ଓଡିଶା ସଙ୍ଗଠନ ମନ୍ତ୍ରୀ ଓ ନିର୍ବାଣ ଟ୍ରଷ୍ଟ ଗୁଣୁପୁର ଅଧ୍ୟକ୍ଷ ସ୍ୱାମୀ ନର୍ବାଣାନନ୍ଦ ଗିରି ସଭାପତିତ୍ୱରେ ଉଦଘାଟନ ହୋଇଥିଲା। ମୁଖ୍ୟ ଅତିଥି ସୁବୁଦ୍ଧି ଭେଙ୍କେଟ ରାଓ, ବାଦଲ ପାଣି, ସୁଜିତ କୁମାର ରଥ,ପ୍ରଦୀପ କୁମାର ପାଢ଼ି, ଚାରୁବାଳା ଶତପଥୀ,ଶିବପ୍ରସାଦ ବେହେରା, କୋଣା ଲୋକନାଥ, ଉଲ୍କା ରବି, ବିବେକ କୁମାର ଦାସ, ଉମା ଦାସ ଓ ନିର୍ବାଣ ଟ୍ରଷ୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏଥିରେ ମୋଟ ୧୪୧ ରୋଗୀଙ୍କ ନିଃଶୁଳ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ଶଙ୍କର ଚକ୍ଷୁ ଚିକିତ୍ସାଳୟର କର୍ମଚାରୀ ନଳିନୀ କାନ୍ତ ରାଉତ, ସାଗର ମହାନ୍ତି, ମିନାକ୍ଷୀ ପାଣିଗ୍ରାହୀ, ଲକ୍ଷ୍ମୀପ୍ରିୟା ଦାସ, ଅମ୍ବିକା ବଲିଆରସିଂ, ମେସଲୋନୀ ଶବର ଓ ରଘୁନାଥ ପାଢି ପରିଚାଳନା କରିଥିଲେ।

# କର୍ମକର୍ତ୍ତା ଚୟନ ପରେ ଦାବି ଉପସ୍ଥାପନ

ଜୟପୁର, ୨୮।୧ (ପବନ ପାଣିଗ୍ରାହୀ)

**ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ବୈଠକ**

ଭୁବନେଶ୍ୱରସ୍ଥିତ ସର୍ବଭାରତୀୟ ମେଡିକାଲ ସଂଘ ସଭାଗୃହରେ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ଏକ ରାଜ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଆବାହକ ତଥା ଅତିରିକ୍ତ ସାଧାରଣ ସମ୍ପାଦକ ରବୀନ୍ଦ୍ରନାଥ ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସମ୍ମିଳନୀରେ ରାଜ୍ୟସଂଘ ଓ ବିଭିନ୍ନ ଜିଲା ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ରବିବାର ଅନୁଷ୍ଠିତ ସମ୍ମିଳନୀରେ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ପୂର୍ବତନ ସାଧାରଣ ସମ୍ପାଦକ ବ୍ରଜ କିଶୋର ନନ୍ଦ ମୁଖ୍ୟଅତିଥି, ପୂର୍ବତନ କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଉପଦେଷ୍ଟା ନାରାୟଣ ଦାଶ, ଅମଲା ସଂଘ ସଭାପତି ଜ୍ଞାନ ରଞ୍ଜନ ଦାସ ଉପସ୍ଥିତ ରହି ନିଜ ବକ୍ତବ୍ୟ ରଖିଥିଲେ। ମାଲକାନଗିରି ଜିଲାରୁ ଅମଲା ସଂଘ ଅଧ୍ୟକ୍ଷ ଲକ୍ଷ୍ମୀ ନାରାୟଣ ସେଠୀ, ଜୟପୁରରୁ ଲକ୍ଷ୍ମୀ ନାରାୟଣ ଦାଶ, କୋରାପୁଟରୁ ଅମଲା ସଂଘ ସଭାପତି ଶଶୀଭୂଷଣ ଦାଶ ଯୋଗଦେଇଥିଲେ। ବକେୟା ପାଉଣା, ନୂତନ ବେତନ କମିଶନ ଆଧାରିତ ବର୍ଦ୍ଧିତ ଘରଭଡ଼ା ପ୍ରଦାନ, କର୍ମଚାରୀଙ୍କୁ ପୁରୁଣା ପେନସନ୍ ପ୍ରଦାନ, ମୃତ କର୍ମଚାରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି, ବକେୟା ଥିବା ମହଙ୍ଗା ଭତ୍ତା ପ୍ରଦାନ, ଅର୍ଜିତ ଛୁଟିର ଦରମା ପ୍ରଦାନ ସମ୍ପର୍କରେ ସମ୍ମିଳନୀରେ ଆଲୋଚନା ହୋଇଥିଲା। ଫେବୃୟାରୀ ୨୪ରେ ବ୍ରହ୍ମପୁରଠାରେ ରାଜ୍ୟ ସମ୍ମିଳନୀ ଆଉ ଏକ ସମ୍ମିଳନୀ କରି ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର କର୍ମକର୍ତ୍ତା ଚୟନ କରାଯିବ। ପରେ ଦାବିପୂରଣ ନେଇ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।

## ଦେଶୀ ମଦ ଚୋରାଚାଲାଣ: ଜଣେ ଗିରଫ

ଜୟପୁର, ୨୮।୧ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚୋରାଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ କର୍ମଚାରୀ ଚଢାଉ କରି ଜଣେ ମହିଳାଙ୍କୁ ଗିରଫ କରିଛନ୍ତି। ସେ ହେଲେ ବାଗ୍ରା ନିଳାଗୁଡା ଗ୍ରାମର ଚନ୍ଦ୍ରମା ହରିଜନ (୪୫)। ଚନ୍ଦ୍ରମା ଦେଶୀ ମଦ ଚାଲାଣ କରୁଥିବା ସୂଚନା ପାଇ କର୍ମଚାରୀମାନେ ବାଗ୍ରା ନିଳାଗୁଡା ଗ୍ରାମ ରାସ୍ତାରେ ଚଢାଉ କରି ତାଙ୍କୁ ଧରିଥିଲେ। ତାଙ୍କଠାରୁ ୧୦.୮ ଲିଟର ଦେଶୀ ମଦ ଜବତ ହୋଇଛି। ଗିରଫ ପରେ ଚନ୍ଦ୍ରମାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ନିରୀକ୍ଷକ ଶଶୀକାନ୍ତ ଦତ୍ତ କହିଛନ୍ତି ।

# ମାଥିଲି ବ୍ଲକ: ପୁଷ୍ ପରବ ଭେଟଘାଟ

ମାଥିଲ, ୨୮।୧ (ସୁବାଷ ଚନ୍ଦ୍ର ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅଞ୍ଚଳରେ ପୁଷ୍ ପରବ ଭେଟ ଘାଟ ହଇଯାଇଛି। ଆଦିବାସୀ ପରମ୍ପରା ଅନୁଯାୟୀ, ବର୍ଷକୁ ଥରେ ପୁଷ୍ ପରବ ହୋଇଥାଏ । ପୁଷ୍ ପରବରେ ଲୋକେ ଚେର ଚେରା ମାଗିଥାନ୍ତି। ଘରକୁ ଘର ଯାଇ ଧାନ ଓ ଚାଉଳ ଏବଂ ପଇସା ମାଗି ଗୋଟିଏ ଜାଗାରେ ରଖି ପର୍ବ ଶେଷରେ ଭୋଜିକରି ଖାଇଥାନ୍ତି । ଆଜିର ଏହି ପୁଷ ପରବ ଭେଟ ଘାଟରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ ୧ ନଂ ଜୋନ୍ ବିଜେଡି ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ । ମାଥିଲି ବ୍ଲକ ଆଦିବାସୀ ସରକାରୀ କର୍ମଚାରୀମାନେ ମଧ୍ୟ ପୁଷ୍ ପରବ ଭେଟ ଘାଟରେ ଯୋଗଦେଇ ଥିଲେ। ମାଥିଲି ବ୍ଲକର ବୁଦ୍ଧିଜୀବୀ ଡୋମ୍ବୁ ନାୟକ, ଆଦିବାସୀ ନେତା, ବନ୍ଧୁ ମୁଦୁଲି, ଡମରୁ ଧର ପ୍ରେରେମା, ପୂର୍ବତନ ସରପଞ୍ଚ ଦୀନବନ୍ଧୁ ନାୟକ, ଧୁଙ୍ଗିଆପୁଟ ସରପଞ୍ଚ ମଧୁ ସୂଦନ ନାୟକ, ଚାଉଳମେନ୍ଦି ସରପଞ୍ଚ ଜଳନ୍ଧର ନାୟକ, ମାଥିଲି ସରପଞ୍ଚ କନାମ ରାଜୁ ନାୟକ, ସମିତି ସଭ୍ୟ ବାଲା ରାଜୁ କୋପେ ଓ ବିଡିଓ ହୃଷୀକେଶ ଗଣ୍ଡ, ବିଡିଓ ପ୍ରଭାତୀ ଝଡିଆ,ତହସିଲଦାର ଚନ୍ଦନ କୁମାର ଭୋଇଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।




ପୁଷ୍ ପରବ ଭେଟ୍‌ଘାଟ୍‌ରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

# କୋଣ୍ଡାରେଡ୍ଡୀ ବାଳକ ଛାତ୍ରାବାସରେ ଅଭିଭାବକ ସମ୍ମିଳନୀ

କାଲିମେଲା, ୨୮।୧ (ଜୀବନ କୃଷ୍ଣ ଦାସ )

ମାଲକାନଗିରି ଜିଲା କାଲିମେଲା ବ୍ଲକ ସଦର ମହକୁମା ବ୍ଲକ କଲୋନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନ କରି ଟାଉନହଲଠାରେ ଅବସ୍ଥାପିତ କରାଯାଇଥିବା କୋଣ୍ଡାରେଡ୍ଡୀ ବାଳକ ଛାତ୍ରାବାସର ଛାତ୍ରଙ୍କ ଅଭିଭାବକଙ୍କୁ ନେଇ ସମ୍ମିଳନୀ ତଥା ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରାବାସ ସୁପରିଣ୍ଟେଣ୍ଡେଣ୍ଟ ତଥା ସହକାରୀ ଶିକ୍ଷକ ଶ୍ୟାମସୁନ୍ଦର ଜେନାଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁମନ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ଅତିରିକ୍ତ ବିଡିଓ ଅନିମେଶ ମଣ୍ଡଳ, କୋଣ୍ଡାରେଡ୍ଡୀ ସମ୍ପ୍ରଦାୟ ସଭାପତି ରାମାରାଓ ମାଝି, ସମ୍ପାଦକ ପାପାରାଓ ଶ୍ରୀଗୁରୁ ,ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିରେଖା ଦାସ, ଅବସରପ୍ରାପ୍ତ ଶିକ୍ଷକ ପୀତାମ୍ବର ପାଣି, ଭାରପ୍ରାପ୍ତ ବିଆରସିସି ବିଷ୍ଣୁରଞ୍ଜନ ସର୍କରା, ବରିଷ୍ଠ ଶିକ୍ଷକ ଧ୍ରୁବ ଚରଣ ନାୟକ ଓ ସୁରେନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।



କୋଣ୍ଡାରେଡ୍ଡୀ ବାଳକ ଛାତ୍ରାବାସରେ ଆୟୋଜିତ ଅଭିଭାବକ ସମ୍ମିଳନୀ ।

ସୂଚନା ଅନୁଯାୟୀ, ପପୁଲୁର ଓ କୁରର୍ମାନୁର ପଞ୍ଚାୟତର ପ୍ରାୟ ୨୫ ରୁ ଉର୍ଦ୍ଧ୍ୱ ଗ୍ରାମରୁ କୋଣ୍ଡାରେଡ୍ଡୀ ଜନଜାତି ଛାତ୍ରମାନେ କାଲିମେଲା ଟାଉନ ହଲ ନିକଟରେ ଅସ୍ଥାୟୀ ଛାତ୍ରାବାସରେ ରହି ୧୧୦ ରୁ ଉର୍ଦ୍ଧ୍ୱ ଛାତ୍ର ଅଧ୍ୟୟନ କରୁଛନ୍ତି। କାର୍ଯ୍ୟକ୍ରମରେ ସେହି ପିଲାମାନଙ୍କ ପିତାମାତା କିମ୍ବା ସେମାନଙ୍କ ଅବିଭାବକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଶିକ୍ଷା ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ତେବେ ଏହି ଜନଜାତି ପିଲାମାନେ ଆଦିବାସୀ ମାନ୍ୟତା ପାଇ ନ ଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ପ୍ରଦାନ କରି ଏହି ଛାତ୍ର ଶିକ୍ଷା ଦାନ ଦିଆଯାଉଛି। ବୈଠକରେ ସମସ୍ତ ଅଭିଭାବକ ଯୋଗଦେଇ ମତ ରଖିଥିଲେ। ପିଲାମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ରାୟଗଡ଼ାରୁ ୬ ଜିଲାର ୯୭୦ ଯାତ୍ରୀ ଗଲେ ଗୟା, ବାରାଣସୀ

ରାୟଗଡ଼ା,୨୮।୧(ଆଶିଷ ରଞ୍ଜନ ପଣ୍ଡା)

ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାରେ ରାୟଗଡ଼ା ଜିଲା ସମେତ ୬ଟି ଜିଲାରୁ ମୋଟ ୯୭୦ଜଣ ବରିଷ୍ଠ ନାଗରିକ ଗୟା ଓ ବାରାଣସୀ ଅଭିମୁଖେ ଟ୍ରେନ୍‌ରେ ଯାତ୍ରା ଆରମ୍ଭ କରିଛନ୍ତି । ରାୟଗଡ଼ା ରେଳ ଷ୍ଟେଶନରୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଆରମ୍ଭ ହୋଇଥିବା ଏହି ଯାତ୍ରାକୁ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ରାଜ୍ୟ ଉପଦେଷ୍ଟା ଦୁର୍ଗା ପ୍ରସାଦ ସାମନ୍ତରାୟ, ପର୍ଯ୍ୟଟନ ବିଭାଗ ଅତିରିକ୍ତ ସଚିବ ବାଳମୁକୁନ୍ଦ ଭୂୟାଁ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଓ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରବିବାର ୧୧ଟା ୩୦ ସମୟରେ ଏହି ସ୍ୱତନ୍ତ୍ର ଟ୍ରେନ୍ ରାୟଗଡ଼ା ଛାଡ଼ିଥିଲା। ରାୟଗଡ଼ା ଜିଲାର ୨୬୫ଜଣ ତୀର୍ଥଯାତ୍ରୀଙ୍କ ସମେତ କଳାହାଣ୍ଡିରୁ ୨୨୦ଜଣ, ନୂଆପଡ଼ାରୁ ୯୪, କୋରାପୁଟରୁ ୧୮୨ଜଣ, ମାଲକାନଗିରିରୁ ୭୯ଜଣ ଏବଂ ନବରଙ୍ଗପୁର ଜିଲାରୁ ୧୩୦ଜଣ ବରିଷ୍ଠ




ଅତିଥିମାନେ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀଙ୍କୁ ଟିକେଟ ଓ ଯାତ୍ରା କିଟ୍ ପ୍ରଦାନ କରୁଛନ୍ତି।

ନାଗରିକ ଏହି ତୀର୍ଥଯାତ୍ରାରେ ଗୟା–ବାରାଣସୀ ଅଭିମୁଖେ ଯାତ୍ରା କରିଛନ୍ତି। ରବିବାରରୁ ଆରମ୍ଭ ହୋଇଥିବା ଏହି ତୀର୍ଥଯାତ୍ରା ଫେବୃଆରୀ ୨ରେ ଶେଷ ହେବ। ୨ ତାରିଖ ଦିନ ସମସ୍ତ ଯାତ୍ରୀ ରାୟଗଡ଼ା ଫେରିବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ପ୍ରାଥମିକତା ଦେଇ ସେମାନଙ୍କ ବୃଦ୍ଧାବସ୍ଥାରେ ତୀର୍ଥଯାତ୍ରାର ସୁବିଧା କରିବା ସହିତ କିଭଳି ସେମାନେ ଶାନ୍ତିରେ ଜୀବନଯାପନ କରିବେ ସେଥିପାଇଁ ମୁଖ୍ୟମନ୍ତ୍ରୀ ସର୍ବଦା ଚେଷ୍ଟା କରୁଛନ୍ତି ବୋଲି ନିଜ ଅଭିଭାଷଣରେ କହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରିଷ୍ଠ ନାଗରିକଙ୍କ ପାଇଁ ପ୍ରତିବର୍ଷ ସ୍ୱତନ୍ତ୍ର ମାଗଣା ତୀର୍ଥଯାତ୍ରା ବ୍ୟବସ୍ଥା କରୁଥିବାରୁ ବହୁ ଗରିବ ଶ୍ରେଣୀର ବୃଦ୍ଧାବୃଦ୍ଧ ତୀର୍ଥ କରିବାର ସୁବିଧା ପାଇପାରୁଥିବାରୁ ବରିଷ୍ଠ ନାଗରିକମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ତୀର୍ଥଯାତ୍ରୀଙ୍କ ଯାତ୍ରାଠାରୁ ଆରମ୍ଭ କରି ସେମାନଙ୍କ ଖାଇବା ଓ ରହିବା ଆଦି ସମସ୍ତ

## ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା

ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା ନେଇ ଉପଦେଷ୍ଟା ଦୁର୍ଗା ସାମନ୍ତରାୟ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଏସ୍‌ପି ବିବେକାନନ୍ଦ ଶର୍ମା, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ।

ପ୍ରକାଶ ଥାଉକି, ଗତ ଡିସେମ୍ବର ୧୯ ତାରିଖରେ ୬ଟି ଜିଲାରୁ ୯୨୪ଜଣ ବରିଷ୍ଠ ନାଗରିକ ସିର୍ଡ଼ି ଓ ନାସିକ ତୀର୍ଥଯାତ୍ରା କରିଥିଲେ । ୨୦୧୬ରେ ରାଜ୍ୟ ସରକାର ଗରିବ ଶ୍ରେଣୀର ବରିଷ୍ଠ ନାଗରିକଙ୍କ ପାଇଁ ଏହି ତୀର୍ଥଯାତ୍ରା ଯୋଜନା ଆରମ୍ଭ କରିଥିଲେ। ଅଦ୍ୟାବଧି ରାଜ୍ୟରୁ ୨୭ଟି ପର୍ଯ୍ୟାୟରେ ୨୬ହଜାର ୬୬୯ଜଣ ବରିଷ୍ଠ ନାଗରିକ ବିଭିନ୍ନ ସ୍ଥାନକୁ ତୀର୍ଥ ଯାତ୍ରା କରିଥିବା ନେଇ ମୁଖ୍ୟମନ୍ତ୍ରୀ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ସୂଚନା ଦେଇଛନ୍ତି।

# ଯୌତୁକ ଦାବିରେ ବେଦିରୁ ଉଠି ଚାଲିଗଲେ ବର
## ଆଲୋଚନା ପରେ ପୁଣି ହେଲା ବାହାଘର

ରାୟଗଡ଼ା,୨୮।୧(ଆଶିଷ ରଞ୍ଜନ ପଣ୍ଡା)

ଯୌତୁକ ପ୍ରଥାକୁ ବିରୋଧ କରି ଦେଶରେ ବିଭିନ୍ନ ଆଇନ ରହିଥିବା ବେଳେ ଆମ ସମାଜରେ ଏବେ ବି ଚାଲିଛି ଯୌତୁକ ପ୍ରଥା। ଯୌତୁକ ଦାବି ପୂରଣ ନ ହେବାରୁ ବେଦିରୁ ଉଠି ଚାଲିଯାଇଥିଲେ ବର । ବର ପକ୍ଷଙ୍କ ସହ ଆଲୋଚନା କରାଯାଇ ସମସ୍ୟା ସମାଧାନ ହେବାରୁ ୩ ଘଣ୍ଟା ପରେ ବର ବେଦୀକୁ ଫେରି ବିବାହ କରିଥିଲେ । ଏଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ସଦର ମହକୁମାରେ । ମିଳିଥିବା ସୂଚନା ଅନୁସାରେ, ଶନିବାର ରାୟଗଡ଼ା ସହରସ୍ଥିତ ଟାଉନ ହଲ୍ ଠାରେ ଏକ ବିବାହ କାର୍ଯ୍ୟ ଚାଲିଥିଲା । ତେବେ ଦାବି ଅନୁସାରେ ଝିଅ ଘର ପକ୍ଷରୁ ଯୌତୁକ ଦେଇ ନ ପାରିବାରୁ ବାହାଘର ଅଧାରୁ ବେଦିରୁ ଉଠି ଚାଲିଯାଇଥିଲେ ବର। ପରବର୍ତ୍ତୀ ସମୟରେ ବରପକ୍ଷ ସହିତ କନ୍ୟା ଘର ଲୋକେ ଆଲୋଚନା କରିବା ପରେ ପ୍ରାୟ ୩ ଘଣ୍ଟା ପରେ ବାହାଘର ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ସଚେତନତା କରିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ପଦ୍ମପୁର,୨୮।୧ (ପ୍ରଶାନ୍ତ କୁମାର କର):

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍ ଲିକିଟିପଦର ପଞ୍ଚାୟତ କାର୍ଯ୍ୟାଳୟରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ କୁମାର ମିଶ୍ର, ପଦ୍ମପୁର ବ୍ଲକ ଅଧ୍ୟକ୍ଷା ମଣିମାଳା ଶବର ପ୍ରମୁଖ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସହକାରୀ ଯନ୍ତ୍ରୀ ରଶ୍ମିତା ଶବର, ସରପଞ୍ଚ ଜେନିତା ଗମାଙ୍ଗ,ସମିତି ସଭ୍ୟା ସୁଶ୍ରୀ ସରୋଜିନୀ ଶବର, ନାଏବ ସରପଞ୍ଚ ଶ୍ରୀ କ୍ରିଷ୍ଣା ମାଝୀ, ଏପିଓ ସଞ୍ଜୀତ ଶବର, ବିପିଏମ ମନୋଜ ଗମାଙ୍ଗ, ସମନ୍ୱିତ ଶିଶୁ ବିକାଶ ସୁପରଭାଇଜର ସନ୍ଧ୍ୟାରାଣୀ ଦାସ, ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଚୌଧୁରୀ, କୃଷି ଗ୍ରାମସେବକ ଉମାଶଙ୍କର ଗୌଡ଼, ବିଏଲ୍‌ଓ ସୁଦାମ ମାଝୀ, ବ୍ଲକ ଫେଡେରେସନ ସଭାପତି ମମତା ସାହୁ, ନିର୍ବାହୀ ଅଧିକାରୀ ପ୍ରକାଶ ଚନ୍ଦ୍ର ସାହୁକାର, ଗ୍ରାମ ରୋଜଗାର ସେବକ ସୁମନ ରାଉତ, ଯୋଗାଣ ସହାୟକ କବିରାଜ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଭିଡ଼ିଓ ପ୍ରଦର୍ଶନ କରି ଲୋକଙ୍କୁ ସଚେତନ କରାଯାଇଥିଲା। ସମସ୍ତ ଉପସ୍ଥିତ ସରକାରୀ କର୍ମଚାରୀ ନିଜ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନ କରିଥିଲେ। ଏହି ଅବସରରେ ୧୩ ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା।

# ନୂଆଗଡ଼ ବିଦ୍ୟାଳୟରେ ଉଡ଼ିଲାନି ଜାତୀୟ ପତାକା

ରାୟଗଡ଼ା,୨୮।୧(ଆଶିଷ ରଞ୍ଜନ ପଣ୍ଡା)



ଜାନୁଆରୀ ୨୬ରେ ଦେଶବ୍ୟାପୀ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ହେଲେ ରାୟଗଡ଼ା ଜିଲା ପଦ୍ମପୁର ବ୍ଲକର ନୂଆଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳନ ହେଲାନାହିଁ । ବିଶ୍ୱର ସବୁଠାରୁ ବୃହତ୍ ଗଣତାନ୍ତ୍ରିକ ଦେଶରେ ଜାତୀୟ ଛୁଟି ଘୋଷଣା କରିବା ସହ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରିବା ନେଇ ନିୟମ ରହିଥିବା ବେଳେ ନୂଆଗଡ଼ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକ ପାଳନ କରିନାହାନ୍ତି। ତେବେ କେଉଁ ଆଧାରରେ ନୂଆଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଏହାକୁ ଉପେକ୍ଷା କଲେ ତାହା ତଦନ୍ତ ସାପେକ୍ଷ ବୋଲି ସରପଞ୍ଚ ଓ ଗ୍ରାମବାସୀ ଦାବି କରିଛନ୍ତି। ଓ୍ୱିଲି ଶିକ୍ଷୟିତ୍ରୀ ଶିକ୍ଷକ ଜାତୀୟ ସଂହିତା ତଥା ସମ୍ବିଧାନକୁ ଅପମାନିତ କରଥିବା ନୂଆଁଗଡ ସରପଞ୍ଚ ମମତା ମାଝି କହିଥିବା ବେଳେ ଏ ନେଇ ଲିଖିତ ଭାବରେ ଜିଲାପାଳଙ୍କୁ ଜଣାଇବେ ବୋଲି କହିଛନ୍ତି। ଅନ୍ୟପକ୍ଷେ ସ୍କୁଲରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇ ନ ଥିବାରୁ ଗ୍ରାମବାସୀ ଓ ଅଭିଭାବକ କ୍ଷୋଭ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ ନୂଆଗଡ଼ଠାରେ ୧୯୫୬ରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଛି। ସେଠାରେ ପ୍ରତିବର୍ଷ ସାଧାରଣତନ୍ତ୍ର ଦିବସ ପାଳନ କରାଯାଉଥିବାବେଳେ ଚଳିତ ବର୍ଷ ଏହାର ଉଲ୍ଲଘଂନ କରାଯାଇଛି। ଏ ନେଇ ପଦ୍ମପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୁବାଷ ଶବରଙ୍କୁ ପଚାରିବାରୁ ଏହା ଏକ ଗୁରୁତର ଅଭିଯୋଗ। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସେହିପରି ପଦ୍ମପୁର ବିଡ଼ିଓ ସୁଜିତ୍ ମିଶ୍ର କହିଛନ୍ତି ଯେ, ଘଟଣାର ତଦନ୍ତ ପରେ ଉକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନୂଆଗଡ ପଂଚାୟତର ଗ୍ରାମବାସୀ ଜଗନ୍ନାଥ ପାଟଖଣ୍ଡାଳ, ଆନନ୍ଦ ସାହୁ, ରମେଶ ସେନାପତି ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ଖବରକାଗଜ ବିତରକ ସୁଦର୍ଶନ ବେବେରାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି

ଟିକିରି, ୨୮।୧(ପ୍ରଫୁଲ କୁମାର ବେହେରା )

ରାୟଗଡା ଜିଲାର କାର୍ଯ୍ୟରତ ଖବରଦାତା ଗଜମହନ ଗରଡିଆ ଓ ଟିକିରି ଖବରକାଗଜ ବିତରକ ସୁଦର୍ଶନ ବେବେରାଙ୍କ ବିୟୋଗରେ ଟିକିରି ହନୁମାନ ମନ୍ଦିର ପରିସରରେ କାଶୀପୁର ବ୍ଲକ ଖବରଦାତା ସଂଘ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି ନୀରବ ପ୍ରାର୍ଥନା କରାଯାଇଥିଲା। କାଶୀପୁର ବ୍ଲକର ବୁଦ୍ଧିଜୀବୀ ହରପ୍ରସାଦ ନାୟକ, ବ୍ଲକ ଚେୟାରମ୍ୟାନ କଣ୍ଟ ମାଝୀ, ବିଷ୍ଣୁ ପ୍ରସାଦ ପାତ୍ର, ସିତୁନ ମାଝୀ, ପ୍ରତାପ ମାଝୀ, ବିନୋଦ ନାଏକ, ବଣିକ ସଂଘର ସଦସ୍ୟ ମନୋଜ ବେହେରା, ପ୍ରଫୁଲ ସାହୁ ଓ କାଶୀପୁର ବ୍ଲକର ସମସ୍ତ ଖବରଦାତା ଉପସ୍ଥିତ ଥିଲେ ।

# ପାରଳାଖେମୁଣ୍ଡି ଗୁଣପୁର ରେଳପଥ ମଧ୍ୟରେ ସ୍ପିଡ୍ ଟ୍ରାଏଲ

ଗୁଣପୁର,୨୮।୧(ପ୍ରଦୀପ କୁମାର ପାଢୀ)

ପାରଳାଖେମୁଣ୍ଡି ଗୁଣପୁର ରେଳପଥ ମଧ୍ୟରେ ରବିବାର ସକାଳ ୭ରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ 'ସ୍ପିଡ ଟ୍ରାଏଲ ଅନୁଷ୍ଠିତ ହୋଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଟ୍ରେନ୍ ସହ ସ୍ୱତନ୍ତ୍ର ଟିମ୍ ଆସିଥିଲେ। ଘଣ୍ଟା ପ୍ରତି ୫୦ରୁ ୧୦୦ କିମି ବେଗରେ ସ୍ପିଡ ଟ୍ରାଏଲ କରାଯାଇଥିଲା। ସୂଚନାଯୋଗ୍ୟ, ନୌପଡା ଗୁଣପୁର ମଧ୍ୟରେ ଟ୍ରେନର ବେଗ ୫୦ରୁ କମ୍ ରହିଥିଲା। ଫଳରେ ଟ୍ରେନ ଚଳାଚଳରେ ମନ୍ଥର ରହିବା ସହ ସମୟ ବିଳମ୍ବ ହେଉଥିଲା। ଏଥିସହ ଗୋଟିଏ ଟ୍ରେନ ଲାଇନ ରହିଥିବାରୁ ୪ ଯୋଡା ଟ୍ରେନ ଯାତାୟାତରେ



ଅସୁବିଧା ପରିଲକ୍ଷିତ ହେଉଥିଲା। ଏବେ ଏହି ରେଳପଥରେ ଟ୍ରେନର ବେଗ ତଥା ସ୍ପିଡ ବଢିଲେ ଯାତ୍ରୀମାନେ ଉପକୃତ ହେବା ସହ ସମୟ କମ ରହିବ। ବେଗ ବଢିଲେ ଅଧିକା ଟ୍ରେନ ଏହି ରେଳପଥ ଦେଇ ଆସିବାର ସମ୍ଭାବନା ରହିଛି।

# ପୌଷ ପର୍ବ ଲାଗି ନୂତନ ବସ୍ତ୍ର,ଖେଳ ସାମଗ୍ରୀ ବଣ୍ଟନ




ମୈତ୍ରୀ କମ୍ପାନୀ ପକ୍ଷରୁ ଜଣେ ଯୁବକଙ୍କୁ ଖେଳ ସାମଗ୍ରୀ ପ୍ରଦାନ କରାଯାଉଛି।

ଟିକିରି, ୨୮।୧(ପ୍ରଫୁଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକ ଓ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସୀମାନ୍ତ ଅଞ୍ଚଳରେ ଆଦିବାସୀଙ୍କ ଗଣ ପର୍ବ ଟୋକିମରା ଓ ପୌଷ ପର୍ବ ପ୍ରାୟ ୮ ଦିନ ଧରି ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ମୈତ୍ରୀ କମ୍ପାନୀ ପକ୍ଷରୁ କାଶୀପୁର ବ୍ଲକ ଅନ୍ତର୍ଗତ ଶୁଙ୍ଗେର ଅଞ୍ଚଳ ଏବଂ ଥୁଆମୂଳ ରାମପୁର ଅନ୍ତର୍ଗତ ତଳଆମ ପଦର ତୁଣ୍ଡାମୁହଁ ଗ୍ରାମ ସମେତ କେରୋପାଇ ଜିପି ମହାଜାଲ ଗ୍ରାମରେ ଲୋକଙ୍କୁ ନୂତନ ବସ୍ତ୍ର, ଶାଢ଼ି, କମ୍ବଳ ବଣ୍ଟନ କରାଯାଇଛି। ସେହିପରି ଯୁବପିଢିଙ୍କୁ ଭଲିବଲ ନେଟ୍, କ୍ରିକେଟ ବ୍ୟାଟ୍ ବଲ ଆଦି କ୍ରୀଡା ସାମଗ୍ରୀ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉକ୍ତ ଅଞ୍ଚଳର ୫ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା।

# ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ ଲାଗି ରେଳମନ୍ତ୍ରୀଙ୍କ ସହ ଆଲୋଚନା

ମୁନିଗୁଡ଼ା,୨୮।୧(ରାଧେଶ୍ୟାମ ଅଗ୍ରୱାଲ)

ରାୟଗଡ଼ା ଜିଲା ମୁନିଗୁଡ଼ା ରେଲୱେ ଉନ୍ନୟନକୁନେଇ ହୋଇଥିବା ଜବରଦଖଲ ଉଚ୍ଛେଦ ଯୋଗୁ ୧୫୦ ବ୍ୟବସାୟୀଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଉଚ୍ଛେଦ ବ୍ୟବସାୟୀଙ୍କୁ ଥଇଥାନ କରିବା ଲାଗି ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା ରବିବାର କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ସମୟରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ରହି ବ୍ୟବସାୟୀଙ୍କ ଥଇଥାନ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।



ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରୁଛନ୍ତି।

ସୂଚନା ଅନୁଯାୟୀ, ଅମୃତ ଯୋଜନାରେ ମୁନିଗୁଡ଼ା ରେଳ ଷ୍ଟେଶନର ବିକାଶ ପାଇଁ ୧୫୦ରୁ ଉର୍ଦ୍ଧ୍ୱ ବ୍ୟବସାୟିକ ପ୍ରତିଷ୍ଠାନକୁ ଉଚ୍ଛେଦ କରାଯାଇଛି। ଫଳରେ ଦୀର୍ଘ ୭୦ ବର୍ଷ ଧରି ବ୍ୟବସାୟ କରି ନିଜର ଜୀବନ ଜୀବିକା ନିର୍ବାହ କରୁଥିବା ବ୍ୟବସାୟୀ ଜୀବିକା ହରାଇଛନ୍ତି। ଏ ନେଇ ମୁନିଗୁଡ଼ା ଭାଜପା ତରଫରୁ ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ଉପ ସଭାପତି ରାମଚନ୍ଦ୍ର ବେହେରା ଓ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବ୍ୟବସାୟୀଙ୍କୁ ଥଇଥାନ ନିମନ୍ତେ ମୁନିଗୁଡ଼ା ଭାଜପା ତରଫରୁ ଏକ ସ୍ମାରକପତ୍ର ମଧ୍ୟ କେନ୍ଦ୍ର ରେଳମନ୍ତ୍ରୀ ଓ ରାଜ୍ୟ ସଭାପତିଙ୍କ ନିକଟକୁ ରାମଚନ୍ଦ୍ର ବେହେରାଙ୍କ ଜରିଆରେ ପଠାଯାଇଥିଲା। ରବିବାର ଅପରାହ୍ନରେ ରାଜ୍ୟ କାର୍ଯ୍ୟାଳୟରେ ଭାଜପା ନେତା ବେହେରା କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଭେଟି ମୁନିଗୁଡ଼ାର ଦୀର୍ଘ ଦିନର ସମସ୍ୟା ଭୂତଳ ରାସ୍ତା ଓ ବ୍ୟବସାୟୀଙ୍କ ଥଇଥାନ ଉପରେ ଆଲୋଚନା କରିଥିଲେ। ରେଳମନ୍ତ୍ରୀ ବିଭାଗୀୟ ଏକ ପ୍ରତିନିଧିମଣ୍ଡଳଙ୍କୁ ମୁନିଗୁଡ଼ା ଅଞ୍ଚଳ ପଠାଇବା ସହିତ ଥଇଥାନ ବ୍ୟବସ୍ଥା ଓ ଭୂତଳ ରାସ୍ତାର ନିର୍ମାଣ କାର୍ଯ୍ୟକୁ ଯଥାଶୀଘ୍ର କରାଇବା ପାଇଁ ପଦକ୍ଷେପ ନେବାକୁ ଉପସ୍ଥିତ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଚନ୍ଦ୍ରପୁର,୨୮।୧(ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ହନୁମନ୍ତପୁର ପଞ୍ଚାୟତ ଅଧୀନ ରାଇବିଜି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପଞ୍ଚମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ନିର୍ବାଚନ ମଣ୍ଡଳୀର ବିଧାୟକ ରଘୁନାଥ ଗମାଙ୍ଗ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଥମେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ପରେ ଉପସ୍ଥିତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୈନ କିମାକା, ସହକାରୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ କୁମାର ଦଳାଇ, ଓଡିଶା ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର କାଳିକିଙ୍କର ପଟ୍ଟନାୟକ, ସହକାରୀ ଶିକ୍ଷା ଅଧିକାରୀ ଉମାକାନ୍ତ ମିଶାଲ, ଜିଲା ପରିଷଦ ସଭ୍ୟ ସୁଜିତ ବ୍ରେଡକା, ଚନ୍ଦ୍ରପୁର ଥାନା ଆଇଆଇସି ନୀଳକଣ୍ଠ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ମଙ୍ଗଳ ବିଭାଗର ସର୍କଲ ଇନସ୍ପେକ୍ଟର ଶ୍ୟାମଘନ ଭୁୟାଁ ଯୋଗଦେଇ ଅଭିଭାଷଣ ଦେଇଥିଲେ। ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁରାଧା ଲିଙ୍ଗମଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ଏଥିରେ ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନ ଥିବା, ପାଚେରୀ ନିର୍ମାଣ ସହ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ରହିବା ପାଇଁ ଆବଶ୍ୟକ ବିଶ୍ରାମ ଗୃହ ନ ଥିବା ସୂଚନା ଦେଇଥିଲେ। ଅତିଥିମାନେ କୃତି ଛାତ୍ରୀଙ୍କୁ ଟ୍ରଫି ସହ ପ୍ରମାଣ ପତ୍ର ଦେଇ ପୁରସ୍କୃତ କରିଥିଲେ।

# ବସନ୍ତ ମହୋତ୍ସବର ମେଗା କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ଗୁଣପୁର,୨୮।୧(ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁରଠାରେ ରବିବାର ଦ୍ୱାଦଶ ରାଜ୍ୟସ୍ତରୀୟ ବଂଶଧାରା ମହୋତ୍ସବର ମେଗା କ୍ରୀଡା ଉତ୍ସବ ରବିବାର ଉଦ୍‌ଘାଟିତ ହୋଇଛି । ଏହି ଅବସରରେ ପୁରୁଣା ବସଷ୍ଟାଣ୍ଡସ୍ଥିତ ଦକ୍ଷିଣ କାଳୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ମିନି ଷ୍ଟାଡିୟମରେ ପହଞ୍ଚିଥିଲା। ଷ୍ଟାଡିୟମରେ କ୍ରୀଡା ପରିଷଦର ପତାକା ଉତ୍ତୋଳନ କରାଯାଇଥିଲା । ପରିଚାଳନା କମିଟିର ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ବିଧାୟକ ରଘୁନାଥ ଗମାଙ୍ଗ, ପୌରାଧ୍ୟକ୍ଷା ମମତା ଗୌଡ ଓ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝିଲି ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବର, ପୌର

## ୧୫ ଖେଳାଳିଙ୍କୁ କ୍ରୀଡ଼ା ଗୌରବ ସମ୍ମାନ

ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାର ବିଭିନ୍ନ ବ୍ଲକର ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଖେଳିଥିବା ୧୫ ଜଣ ଖେଳାଳିଙ୍କୁ କ୍ରୀଡା ଗୌରବ ସମ୍ମାନ ପ୍ରଦାନ କରିଥିଲେ। ପରେ ମିନି ଷ୍ଟାଡିୟମରେ ଗାଁ କବାଡି ଓ ୧୦୦ ମିଟର ଦୌଡ, ଟାଗ ଅଫ ଓ୍ୱାର, ଚଇତି ମଣ୍ଡପରେ ଭାରଉତ୍ତୋଳନ ଓ ପୁରୁଣା ଗୁଣପୁର ପଡିଆରେ ସୋମନାଥ ପାତ୍ର ସ୍ମାରକୀ ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟକୁ ଅତିଥିମାନେ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ଏ. ବାବା ପ୍ରସାଦ, ଉପ ସଭାପତି ଉମା ଦାସ, ସାଧାରଣ ସମ୍ପାଦକ ମିଲି ପାଢ଼ୀ, ସମ୍ପାଦକ ରମେଶ ଲିମା, ରାମ ପଣ୍ଡା, ଗଜା ପାଳ, ଲକ୍ଷ୍ମୀ ମହାଙ୍କୁଡ, ଶକ୍ତି ଦାସ, ରାଜେଶ ପାଢି, ସଂଯୋଜକ ବି. ସତିଶ କୁମାର, ରମେଶ ମିଶ୍ର, କୃଷ୍ଣ ପ୍ରଶାଦ ମିଶ୍ର, କାଉନସିଲର ପ୍ରମୋଦ ଦାସ, ଭାଗିରଥି ବିଶ୍ୱୋୟୀ, ଚେପାଲି ସରସ୍ୱତୀ ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡା ପରିଷଦ ସଭାପତି ଦେବ ପାଢ଼ୀ, ସମ୍ପାଦକ ସପନ ଦାସ ଓ କ୍ରୀଡା ସଂଯୋଜକ କିରଣ ପାଣିଗ୍ରାହୀ, ସଞ୍ଜୀବ ପଟନାୟକ, ପଦ୍ମନ ପଣ୍ଡା, ବିଟିବି ରାବଣା ମୂର୍ତ୍ତି, କ୍ରୀଡା ଶିକ୍ଷକ ରମାକାନ୍ତ ମିଶ୍ର, ଗୌତମ ମେଦିଲି ପ୍ରମୁଖ ଖେଳ ପରିଚାଳନା କରିଥିଲେ ।



ମିନି ଷ୍ଟାଡିୟମଠାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି।

# ଉପାନ୍ତ ଅଞ୍ଚଳ ପାଇଁ ଲକ୍ଷ୍ମୀ ବସ୍ ସାଜିଛି ବରଦାନ

## ଉପକୃତ ହୋଇପାରିଛନ୍ତି ଛାତ୍ରୀଛାତ୍ର, ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀ

ରାୟଗଡ଼ା,୨୮।୧(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ଅଧିକାଂଶ ଉପାନ୍ତ ଅଞ୍ଚଳକୁ ଗମନାଗମନ ସୁବିଧା ନ ଥିବାବେଳେ ରାଜ୍ୟ ସରକାରଙ୍କ ଲକ୍ଷ୍ମୀ ବସ୍ ଯୋଜନା ଗ୍ରାମାଞ୍ଚଳ ଲୋକଙ୍କ ପାଇଁ ବରଦାନ ସଦୃଶ ପାଲଟିଛି। ଲକ୍ଷ୍ମୀ ବସ୍ ଚଳାଚଳ ଫଳରେ ଗ୍ରାମାଞ୍ଚଳର ଛାତ୍ରୀଛାତ୍ର, ଶିକ୍ଷକ ଶିକ୍ଷୟିତ୍ରୀ, ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀମାନେ ବିଶେଷ ଭାବେ ଉପକୃତ ହୋଇପାରିଛନ୍ତି । ସ୍କୁଲ, କଲେଜ କିମ୍ବା ବଜାରକୁ ଯିବାକୁ ଦୈନିକ ୫୦ରୁ ୧୦୦ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚାନ୍ତ ହେବାକୁ ପଡୁଥିବାବେଳେ ଏବେ ଲକ୍ଷ୍ମୀ ବସରେ ଛାତ୍ରୀଛାତ୍ରମାନେ ଦୈନିକ ୫ରୁ ୧୦ଟଙ୍କାରେ କଲେଜ ଓ ସ୍କୁଲକୁ ଯାଇପାରୁଥିବା ମଡ଼େଲ ଡିଗ୍ରୀ କଲେଜ ଛାତ୍ର ଶଙ୍କର କାଣ୍ଡ ଓ ରାୟଗଡ଼ା ମହିଳା ମହାବିଦ୍ୟାଳୟ ଛାତ୍ରୀ ତଥା କୋଲନରା ବ୍ଲକ ପିପଲଗୁଡ଼ାର ଛାତ୍ରୀ ମନିଷା କହିଛନ୍ତି। ସେହିପରି ରାୟଗଡ଼ାରୁ ପ୍ରତ୍ୟେକ ଦିନ ପିପଲଗୁଡ଼ା ପଞ୍ଚାୟତକୁ ସ୍କୁଲ ପାଇଁ ଯାଉଥିବା ଶିକ୍ଷକ ସହଦେବ ବାଛେଲି






କହିଛନ୍ତି ଯେ, ସ୍କୁଲକୁ ପ୍ରତିଦିନ ଅଟୋ ଭଡ଼ା କରି କିମ୍ବା ମୋଟରସାଇକେଲରେ ଯିବାକୁ ପଡୁଥିଲା । କିନ୍ତୁ ବର୍ତ୍ତମାନ ଲକ୍ଷ୍ମୀ ବସ୍ ଯୋଗେ ମାତ୍ର ୩୦ଟଙ୍କାରେ ତାଙ୍କର ଯାତାୟାତ ସୁବିଧା ହୋଇଛି। ଏଭଳିକି ଗ୍ରାମାଞ୍ଚଳର ଚାଷୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ମଧ୍ୟ ଏହା ବେଶ୍ ସୁବିଧା ଯୋଗାଇଥିବା ଶିକ୍ଷକ ସହଦେବ କହିଛନ୍ତି। ଚାଷୀ ନିଜ ବଗିଚାର ପନିପରିବା ଲକ୍ଷ୍ମୀ ବସ୍‌ରେ ଆଣି ରାୟଗଡ଼ା ବଜାର ତଥା ଅନ୍ୟାନ୍ୟ ବ୍ଲକ ମହକୁମା ବଜାରରେ ସିଧାସଳଖ ବିକ୍ରି କରି ବେଶ୍ ଦୁଇ ପଇସା ଭଲ ରୋଜଗାର କରିପାରୁଛନ୍ତି । ପୂର୍ବରୁ ଅଟୋରେ ୨୦୦ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ଭଡ଼ା ଦେଇ ଆସିବାକୁ ପଡୁଥିଲା । ଲକ୍ଷ୍ମୀ ବସରେ ନିଜ ସାମଗ୍ରୀ ପାଇଁ ଅତିରିକ୍ତ କିଛି ଭଡ଼ା ଲାଗୁନାହିଁ । ତେଣୁ ପିପଲଗୁଡ଼ାର ଯୁବ ଚାଷୀ ଶିବରାଜ ମାଣ୍ଡାଙ୍ଗି ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ରାୟଗଡ଼ା ଜିଲାକୁ ରାଜ୍ୟ ସରକାର ୪୧ଟି ବସ୍ ଦେଇଛନ୍ତି। ସେଥିମଧ୍ୟରୁ ୧୧ଟି ବ୍ଲକରେ ୩୯ଟି ବସ୍ ଚାଲିଥିବାବେଳେ କୌଣସି ବସ୍ ମରାମତି ଅବସ୍ଥାରେ ରହିଲେ ବଳକା ୨ଟି ବସ ବ୍ୟବହାର ପାଇଁ ଅତିରିକ୍ତ ଭାବେ ରହିଛି। ଜିଲାର ୧୧ଟି ବ୍ଲକରେ ୨୯୮ଟି ବସ୍ ଷ୍ଟପ ନିର୍ମାଣ ଚାଲିଛି । ଏଗୁଡ଼ିକର ନିର୍ମାଣ ଶେଷ ପରେ ଲକ୍ଷ୍ମୀ ବସ ସେବା ଆହୁରି କ୍ରିୟାଶୀଳ ହେବ ବୋଲି ମ୍ୟାନେଜର ସୌମ୍ୟ ରଞ୍ଜନ ମିଶ୍ର କହିଛନ୍ତି। ବର୍ତ୍ତମାନ ପ୍ରତ୍ୟେକ ଦିନ ୫୦ରୁ ୬୦ହଜାର ଟଙ୍କା ଏବଂ ରବିବାର ଦିନ ୩୦ହଜାର ଟଙ୍କା ପର୍ଯ୍ୟନ୍ତ ଲକ୍ଷ୍ମୀ ବସରେ ଟିକେଟ ଆଦାୟ ହେଉଥିବା ନେଇ ମ୍ୟାନେଜର ସୌମ୍ୟ ସୂଚନା ଦେଇଛନ୍ତି । ସେହିପରି ମହିଳା ସଶକ୍ତିକରଣକୁ ଧ୍ୟାନ ଦିଆଯାଇ ରାୟଗଡ଼ାରୁ ଦୁର୍ଗାପାଡୁ ପର୍ଯ୍ୟନ୍ତ ଯାଉଥିବା ଲକ୍ଷ୍ମୀ ବସ୍‌ରେ କଣ୍ଡକ୍ଟର ଅଛନ୍ତି ଯୁବତୀ ପିଙ୍କି କଣ୍ଡାଗରି । ଯୁକ୍ତ ୨ ପଢ଼ିବା ପରେ ଆର୍ଥିକ ଅଭାବରୁ ଆଗକୁ ପଢ଼ି ନ ପାରି ବାପାଙ୍କ ସହ ଚାଷ କାମ କରୁଥିଲେ। ଲକ୍ଷ୍ମୀ ବସରେ କଣ୍ଡକ୍ଟର ଭାବେ ନିଯୁକ୍ତି ପାଇବା ପରେ ବର୍ତ୍ତମାନ ତାଙ୍କ ପରିବାରର ଆର୍ଥିକ ଅସୁବିଧା ଦୂର ହୋଇଥିବା ପିଙ୍କି କହିଛନ୍ତି। ତେବେ ଲକ୍ଷ୍ମୀ ବସ୍ ପ୍ରତିଦିନ ବ୍ଲକ ମହକୁମା ପରିବର୍ତ୍ତେ ପଞ୍ଚାୟତ ମହକୁମାରୁ ଯାତ୍ରା ଆରମ୍ଭ କଲେ ଛାତ୍ରୀଛାତ୍ର, ଚାଷୀ ଓ ବ୍ୟବସାୟୀମାନେ ଆହୁରି ଅଧିକ ଉପକୃତ ହୋଇପାରିବେ ବୋଲି ଗ୍ରାମାଞ୍ଚଳ ଲୋକେ କହିଛନ୍ତି । ତେଣୁ ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି ।

## ସଂକ୍ଷେପରେ

### ପୋଲିସ ପକ୍ଷରୁ ଜନସମ୍ପର୍କ ଶିବିର

ନାରାୟଣପାଟଣା,୨୮।୧(ରାଜ କିଶୋର ଜେନା)

ନାରାୟଣପାଟଣା ଥାନା ଅନ୍ତର୍ଗତ ଡେକାପାଡୁ ଗ୍ରାମରେ ଶନିବାର ସ୍ଥାନୀୟ ପୋଲିସ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିରଞ୍ଚି ନାରାୟଣ ଜଗତ ମୁଖ୍ୟ ଅତିଥି, ଥାନା ଅଧିକାରୀ ସୁଷମା କଅଁର, ସରପଞ୍ଚ ରେବତୀ କୁନ୍ଦାଗିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଲକାପାଇ,ତଳଡେକାପାଡୁ, ଉପରଡେକାପାଡୁ, ଗାଦବାଗୁଡା ଆଦିଗ୍ରାମର ୭୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମର ଯୁବକମାନଙ୍କୁ ନେଇ ଏକ ଭଲିବଲ ପ୍ରତିଯୋଗିତା କରାଯାଇ ଥିଲା। ଏଥିରେ ଅଲକାପାଇ ଯୁବଦଳ ବିଜୟୀ ହୋଇଥିଲେ। ପରେ ସାଂସ୍କୃତିକ ନାଚଗୀତ କାର୍ଯ୍ୟକ୍ରମ ହୋଇଥିଲା। କୋରାପୁଟ ପୋଲିସ ସର୍ବଦା ଜନସାଧାରଣ ସୁରକ୍ଷା ପାଇଁ କାମ କରୁଛି। ପୋଲିସକୁ ଭୟ ନ କରିବାକୁ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଜଗତ ପରାମର୍ଶ ଦେଇଥିଲେ। ପରେ ଗରିବ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ,ଶାଢ଼ି, ଲୁଗା,ଗାମୁଛା, ରୋଷେଇ ସାମଗ୍ରୀ ବଣ୍ଟନ କରାଯାଇଥିଲା।

### ନାବାଳିକା ବଳାତ୍କାର ମାମଲା, ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

ଜୟପୁର, ୨୮।୧ (ପବନ ପାଣିଗ୍ରାହୀ)

ଜୟପୁରସ୍ଥିତ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି କରି ଅଭିଯୁକ୍ତ ଜୟପୁର ଆମଡାଗୁଡା ଗ୍ରାମର ଡମ୍ବୁ ମୁଦୁଲି, ଏଲିୟସ ପରଜା (୨୫)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ କୋର୍ଟ ତାଙ୍କୁ ୩୦ ହଜାର ଟଙ୍କା ଆର୍ଥିକ ଜରିମାନା କରିଛନ୍ତି। ମାମଲା ବିବରଣୀରୁ ଜଣାପଡିଛି, ୬।୧୧।୧୯ରେ ଡମ୍ବୁ ୬ ବର୍ଷର ନାବାଳିକାଙ୍କୁ ପୂର୍ବାହ୍ନ ୧୦ଟାରେ ମାଛ ଧରିବାକୁ ଯିବା କହି ଡାକିନେଇ ନିକଟରେ ଥିବା ଏକ ଶାଗୁଆନ ଜଙ୍ଗଲକୁ ନେଇ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ପୀଡିତାଙ୍କଠାରୁ ଜାଣିବା ପରେ ପରିବାର ଲୋକେ ବୋରିଗୁମ୍ମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଡମ୍ବୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେବେଠାରୁ ଉକ୍ତ ମାମଲା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ବିଚାରାଧୀନ ଥିଲା। ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ଗାୟତ୍ରୀ ଦେବୀ ପରିଚାଳନା କରୁଥିଲେ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ବନ୍ଧୁମିଳନ

କୋଟପାଡ,୨୮।୧(କେ. ରାଜଶେଖର ରାଓ)

କୋଟପାଡ ବ୍ଲକର ଚାନ୍ଦିଲି ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଅବିଭକ୍ତ କୋରାପୁଟ ଜିଲା ଅବସରପ୍ରାପ୍ତ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷକଙ୍କ ଏକ ବନ୍ଧୁମିଳନ ସହ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକମାନଙ୍କ ବିଭିନ୍ନ କାର୍ଯ୍ୟ ଜିଲା ସ୍ତରରେ ଓ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଠିକ ସମୟରେ ହେଉ ନ ଥିବାରୁ ଉଚିତ୍ ସମୟରେ ସେମାନଙ୍କୁ ପ୍ରାପ୍ୟ ମିଳୁନାହିଁ। ଫଳରେ ବହୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଉପସ୍ଥିତ ଅବସରପ୍ରାପ୍ତ ଶିକ୍ଷକ ମାନଙ୍କ ମଧ୍ୟରେ ଆଲୋଚନା ବେଳେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆଗାମୀ ଦିନରେ ଏପରି ବନ୍ଧୁମିଳନ ଅବିଭକ୍ତ କୋରାପୁଟ ଜିଲାର ଅନ୍ୟ ଜିଲାଗୁଡିକରେ ମଧ୍ୟ ହେବ। ପ୍ରତ୍ୟେକ ଜିଲାରୁ ୫ ଜଣ ଅଭିଜ୍ଞ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନେଇ ଏକ କମିଟି ଗଠନ ହେବ। ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ଅବସରପ୍ରାପ୍ତ ଶିକ୍ଷକଙ୍କ ସମସ୍ୟା ଦୂରୀକରଣ ଦିଗରେ ଏହି କମିଟି କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ହୋଇଥିଲା। ଅବସରପ୍ରାପ୍ତ ଶିକ୍ଷକ ପ୍ରତାପ ମନ୍ତ୍ରୀ, ବାଲ୍ୟ ନାୟକ, ଚାନ୍ଦିଲି ବିଦ୍ୟାଳୟର ପ୍ରଧାନଶିକ୍ଷକ ଆର. ଦିବାକର ରାଓ ପରିଚାଳନା କରିଥିଲେ।

# ଅନିଶ୍ଚିତତାରେ କୋରାପୁଟ ସହର ବାଇପାସ୍ ରାସ୍ତା

କୋରାପୁଟ,୨୮।୧(ଅମିତାଭ ବେହେରା)

କୋରାପୁଟ ସହରର ବାଇପାସ ରାସ୍ତା ନିର୍ମାଣ ନେଇ ଦୀର୍ଘ ୧୫ ବର୍ଷ ହେଲା ଜାତୀୟ ରାଜପଥ ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ମାତ୍ର ଏଯାଏ ବାଇପାସ ନିର୍ମାଣ ଆରମ୍ଭ ହୋଇପାରୁନି। କେବେ ଜାଗା ଚିହ୍ନଟ, ଜମି ଅଧିଗ୍ରହଣ ପାଇଁ ଏହି ବାଇପାସ ପ୍ରକଳ୍ପ ବିଳମ୍ବ ହୋଇଥିବାବେଳେ ବର୍ତ୍ତମାନ ଜମିଗୁଡିକର ମୂଲ୍ୟ ନିର୍ଦ୍ଧାରଣ ହୋଇପାରୁ ନ ଥିବାରୁ ଏହି ପ୍ରକଳ୍ପ ପାଇଁ ଅନିଶ୍ଚିତତା ଦେଖାଦେଇଛି।

ଖବରରୁ ଜଣାପଡିଛି, ୧୫ ବର୍ଷ ତଳେ କୋରାପୁଟ ସହର ବାହାରେ ଏହି ଜାତୀୟ ରାଜପଥ ବାଇପାସ ନିର୍ମାଣ ପାଇଁ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା ହୋଇଥିଲା। କୋରାପୁଟ-ଜୟପୁର ରାସ୍ତାର କଫିବୋର୍ଡ ନିକଟରୁ ଏହି ବାଇପାସ ରାସ୍ତା ବାହାରି ପୂଜାରୀପୁଟ ଷ୍ଟାଡିୟମ ଦେଇ ମହିଳା କଲେଜ ଛକ ନିକଟରେ ଜାତୀୟ ରାଜପଥକୁ ସଂଯୋଗ କରିବାର ଥିଲା। ଏହି ଲକ୍ଷ୍ୟକୁ ଆଧାର କରି ପ୍ରଶାସନ ୨୦୧୬ରେ ଏହାର ସର୍ଭେ କାମ ସାରି ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଇଥିଲା। ୭ କି.ମି. ଲମ୍ବ ବିଶିଷ୍ଟ ଏହି ବାଇପାସ ପାଇଁ ପ୍ରାୟ ୨୮ ଏକର ଜମି ଆବଶ୍ୟକ ଥିବାବେଳେ ଏଥିପାଇଁ ୪୮ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ତତ୍କାଳୀନ କୋରାପୁଟ ଜିଲାପାଳ ଭି.ଜୟ କୁମାରଙ୍କ ଉଦ୍ୟମରେ ଏହି କାର୍ଯ୍ୟ ତ୍ୱରାନ୍ୱିତ ହୋଇଥିଲା। ସେ କେବେ ଜମି ଅଧିଗ୍ରହଣ ହେବ, କେତେ ସରକାରୀ ଜମି ଅଛି, କେତେ ଗଛ କଟୁଛି ସବୁ ସର୍ଭେ କାମ ସାରି ଜମି ଅଧିଗ୍ରହଣ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ସେହିପରି ୨୦୧୬ ମେ ୧୪ରେ ବାଇପାସ ନିର୍ମାଣରେ ୨୩ଟି ସରକାରୀ ପ୍ଲଟ ଓ ୫୫ଟି ବେସରକାରୀ ପ୍ଲଟର ଜମି ଯାଉଥିବା ସମ୍ପର୍କିତ ଏକ ବିଜ୍ଞପ୍ତି ଜାତୀୟ ରାଜପଥ ଅଥରିଟିଙ୍କ ପକ୍ଷରୁ ପ୍ରକାଶ ପାଇଥିଲା। ତେବେ ରେଳ ବିଭାଗର କିଛି ଜାଗା ଅଧିଗ୍ରହଣ ହୋଇ ନ ପାରିବାରୁ ରାସ୍ତା ନିର୍ମାଣ ଆରମ୍ଭ ହୋଇ ନ ଥିଲା। ଏହି ସମସ୍ୟା ନେଇ ବାରମ୍ବାର ରେଳ ବିଭାଗ ଓ ଜିଲା ପ୍ରଶାସନ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ ସେସବୁ ସଫଳ ହୋଇ ନ ଥିଲା। ଇତି ମଧ୍ୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କୋରାପୁଟ ଗସ୍ତରେ ଆସିଥିବାବେଳେ ସହରର ବାଇପାସ ନିର୍ମାଣ ପାଇଁ ଆବଶ୍ୟକ ଜମି ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ସେ ରେଳ ବିଭାଗ ଅଧିକାରୀଙ୍କୁ ଜମି ହସ୍ତାନ୍ତର ପ୍ରକ୍ରିୟା ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜାତୀୟ ରାଜପଥ ବିଭାଗର ସୁନାବେଡା ଡିଭିଜନ ପକ୍ଷରୁ ଏକ ଜନପରାମର୍ଶ ବୈଠକ ମଧ୍ୟ ହୋଇଥିଲା। ଏଥିରେ ଥିବା ୩ଟି ଡିଜାଇନ ମଧ୍ୟରୁ ଗୋଟିଏ ଡିଜାଇନକୁ ଅନୁମୋଦନ କରାଯାଇଥିଲା। ଏହି ନୂଆ ପ୍ରକଳ୍ପରେ ବାଇପାସ ରାସ୍ତାର ଲମ୍ବ ୩.୮ କି.ମି. ରହିଥିବାବେଳେ ଏଥିପାଇଁ ବ୍ୟୟ ଅଟକଳ ୭୫ କୋଟି ଆକଳନ କରାଯାଇଛି। କୋରାପୁଟ ସହର ଉପକଣ୍ଠସ୍ଥ ମାଛରା ନିକଟରୁ ଏହି ବାଇପାସ ରାସ୍ତା ଆରମ୍ଭ ହୋଇ ରେଳଷ୍ଟେସନ ଛକ ତଥା ମହିଳା ମହାବିଦ୍ୟାଳୟ ପର୍ଯ୍ୟନ୍ତ ରହିବ ବୋଲି ସ୍ଥିର ହୋଇଥିଲା। ଏଥିପାଇଁ କୁମ୍ଭା, କନ୍ଧେଇପୁଟ ଓ କୋରାପୁଟର କିଛି ଜମି ଅଧିଗ୍ରହଣ କରାଯିବ। ଏହି ଜମିଗୁଡିକ ମୂଲ୍ୟ ନିର୍ଦ୍ଧାରଣ କରି କୋରାପୁଟ ତହସିଲ ପକ୍ଷରୁ ଜାତୀୟ ରାଜପଥ ବିଭାଗକୁ ଅବଗତ କରାଯାଇଥିଲା। ହେଲେ ଏହି ଜମିମୂଲ୍ୟକୁ ନେଇ ଜାତୀୟ ରାଜପଥ ବିଭାଗ ସମ୍ମତି ପ୍ରକାଶ ନ କରି ନୀରବ ରହିଛି। ଏପରି କ୍ଷେତ୍ରରେ ରାଜ୍ୟ ସରକାର ଓ ଜନ ପ୍ରତିନିଧିମାନେ ତତ୍ପରତା ପ୍ରକାଶ କରୁ ନ ଥିବାରୁ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେଉଛି।

### ଜମି ମୂଲ୍ୟକୁ ନେଇ ଜାତୀୟ ରାଜପଥ ବିଭାଗ ଅସନ୍ତୁଷ୍ଟ



ବାଇପାସ ରାସ୍ତା ନ ଥିବାରୁ ସହର ମଧ୍ୟରେ ହେଉଥିବା ଟ୍ରାଫିକ ସମସ୍ୟା।

ଅନ୍ୟପକ୍ଷରେ ଏନେଇ କୋରାପୁଟ ଜିଲାପାଳ ଅବଦଲ ଏମ. ଅଖତରଙ୍କୁ ପଚାରିବାରୁ ସେ କହିଲେ, ଏହି ବାଇପାସ ରାସ୍ତା ନିର୍ମାଣ ପାଇଁ ଆବଶ୍ୟକ ଥିବା ଜମି ଅଧିଗ୍ରହଣ କରାଯିବ। ରେଳବିଭାଗ ଜାଗା ହସ୍ତାନ୍ତର କରିସାରିଥିବା ବେଳେ ଏବେ ଘରୋଇ ଜାଗାର ଆବଶ୍ୟକତା ରହିଛି। ସରକାରଙ୍କ ରାଜସ୍ୱ ବିଭାଗର ତଥ୍ୟ ଅନୁସାରେ କେନ୍ଦ୍ର ଜାତୀୟ ରାଜପଥ ବିଭାଗକୁ ତଥ୍ୟ ପ୍ରଦାନ କରାଯାଇଛି। ହେଲେ ଜମି ମୂଲ୍ୟକୁ ନେଇ ଜାତୀୟ ରାଜପଥ ବିଭାଗ ସହମତ ହୋଇପାରୁନାହିଁ। ଫଳରେ ବାଇପାସ ରାସ୍ତା ନିର୍ମାଣ ଆରମ୍ଭ ହୋଇପାରୁନାହିଁ। ତେବେ ଜମି ମୂଲ୍ୟକୁ ନେଇ ଅସନ୍ତୁଷ୍ଟ ଥିବା ଜାତୀୟ ରାଜପଥ ବିଭାଗକୁ ପୁଣି ଏସମ୍ପର୍କରେ ଏକ ରିପୋର୍ଟ ପ୍ରଦାନ କରାଯାଇଛି। ବିଭାଗରୁ ସମ୍ମତି ଆସିଲେ ବାଇପାସ ରାସ୍ତା ନିର୍ମାଣ ଆରମ୍ଭ ହେବ ବୋଲି ଜିଲାପାଳ ଅଖତର ପ୍ରକାଶ କରିଛନ୍ତି। ବାଇପାସ ରାସ୍ତାନେଇ କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକାଙ୍କୁ ପଚାରିବାରୁ ସେ କହିଲେ, ଏହି ବାଇପାସ ରାସ୍ତା ତୁରନ୍ତ କାର୍ଯ୍ୟକାରୀ ପାଇଁ ଅନେକ ସମୟରେ ସଂସଦ ଅଧିବେଶନରେ ଦାବି ଉଠାଇଛି। ଆଗାମୀ ଦିନରେ ହେବାକୁ ଥିବା ଅଧିବେଶନରେ ମଧ୍ୟ ସେ ଏହି ପ୍ରସଙ୍ଗ ଉଠାଇ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ସେହିପରି ଜିଲା ଆଦିବାସୀ ମହାସଂଘ ଉପଦେଷ୍ଟା ମଦନ କିର୍ସାନୀଙ୍କୁ ପଚାରିବାରୁ ଉକ୍ତ ବାଇପାସ ରାସ୍ତା ନିର୍ମାଣ ଜରୁରୀ ବୋଲି ସେ କହିଥିଲେ।

ଏ ସମ୍ପର୍କରେ ଜାତୀୟ ରାଜପଥ ବିଭାଗ କନିଷ୍ଠଯନ୍ତ୍ରୀ ସୁମିତ୍ ରଞ୍ଜନ ରାୟଜଗଦେବଙ୍କୁ ପଚାରିବାରୁ ସେ କହିଲେ, ଏହି ପ୍ରକଳ୍ପ ପାଇଁ ଏବେ ଜମିମୂଲ୍ୟ ବହୁତ ଅଧିକ ହୋଇଯାଇଛି; ଯାହା ଧାର୍ଯ୍ୟ ବ୍ୟୟ ଅଟକଳକୁ ଟପିଯିବ। ଅର୍ଥ ପାଇବ ନାହିଁ। ତେଣୁ ଆମେ ଏ ସମ୍ପର୍କରେ ସରକାରଙ୍କୁ ଅବଗତ କରିଛୁ। ଅଧିକ ଅର୍ଥ ଆସିଲେ ପୁଣି ଥରେ ବ୍ୟୟ ଅଟକଳ କରାଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଥିଲେ।

### ନିଆରା ଢଙ୍ଗରେ ରକ୍ତଦାନ ଶିବିର
## 'ରକ୍ତ ଦିଅନ୍ତୁ ହେଲମେଟ୍ ନିଅନ୍ତୁ, ଦୁଇଟି ଜୀବନ ବଞ୍ଚାନ୍ତୁ'

ଜୟପୁର,୨୮।୧(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଆମ୍ବେଦକର ମୋବିଲାଇଜିଂ ଟିମ୍ ପକ୍ଷରୁ ଜୟପୁରସ୍ଥିତ ବାବା ସାହେବ କଲ୍ୟାଣ ମଣ୍ଡପଠାରେ ସୋମବାର ଏକ ରକ୍ତଦାନ ଶିବିର ହେବ। ଏ ସମ୍ପର୍କରେ ଟିମ୍ କର୍ମକର୍ତ୍ତାମାନେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଏହି ରକ୍ତଦାନ ଶିବିର ଏକ ନିଆରା ଢଙ୍ଗରେ କରାଯିବ ବୋଲି ଡାଇରେକ୍ଟର ଯାକବ ଗାଣ୍ଡା କହିଛନ୍ତି। 'ରକ୍ତ ଦିଅନ୍ତୁ ହେଲମେଟ୍ ନିଅନ୍ତୁ ଏବଂ ଦୁଇଟି ଜୀବନ ବଞ୍ଚାନ୍ତୁ' ବାର୍ତ୍ତା ନେଇ ଏହି ଶିବିର ଅନୁଷ୍ଠିତ ହେବ। ଜିଲାର ରକ୍ତ ଅଭାବକୁ ଦୂର କରିବା ଏବଂ ପ୍ରତିଦିନ ଯେପରି ଭାବେ ବିନା ହେଲମେଟ୍‌ରେ ଯାତ୍ରା କରି ଦୁର୍ଘଟଣାରେ ଜୀବନହାନି ହେଉଛି ସେନେଇ ସଚେତନତା ସୃଷ୍ଟି କରିବା ଲାଗି ଟିମ୍ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ଆବାହକ ପ୍ରବୀଣ ରାଜ ପାତ୍ର କହିଛନ୍ତି। ରକ୍ତଦାନ ଶିବିରରେ ବିଭିନ୍ନ ସ୍ଥାନରୁ ଯୁବ ବର୍ଗ, ବିଭିନ୍ନ ସଂଗଠନ, କ୍ଲବ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେବେ। ଖବରଦାତା ସମ୍ମିଳନୀରେ ଡାଇରେକ୍ଟର ଗାଣ୍ଡା, ଆବାହକ ପାତ୍ର,ସୌରବ ମିରଧା, ରବୀନ୍ଦ୍ର ପତି, ମନସ୍ୱିନୀ ଟାକରି, ଏଲିଅ ବାଘ, ପିଙ୍କୁ ନାଗ, ରାହୁଲ ନାୟକ, ପ୍ରମୁଖ ଉପସ୍ଥିତ ଥିଲେ।

# ତଳଗୁମାଣ୍ଡି ସହ ତିନି ୫-ଟି ସ୍କୁଲର ଲୋକାର୍ପଣ ଆଜି

କୋରାପୁଟ/ନାରାୟଣପାଟଣା,୨୮।୧
(ଅମିତାଭ ବେହେରା /ରାଜକିଶୋର ଜେନା)

ରାଜ୍ୟର ଶିକ୍ଷାବ୍ୟବସ୍ଥାକୁ ଗୁଣାତ୍ମକ ତଥା ସ୍କୁଲଗୁଡିକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ୫-ଟି' ହାଇସ୍କୁଲ ରୂପାନ୍ତରଣ ଯୋଜନାରେ ବଦଳୁଛି ବିଦ୍ୟାଳୟଗୁଡିକର ଚେହେରା। ଘରୋଇ ବିଦ୍ୟାଳୟ ଭଳି ସରକାରୀ ବିଦ୍ୟାଳୟରେ ପିଲାଙ୍କୁ ଉନ୍ନତମାନର ସୂଚନା ଓ ପ୍ରଯୁକ୍ତିବିଦ୍ୟା ଶିକ୍ଷା ଦେବାଲାଗି ସରକାର ହାଇସ୍କୁଲଗୁଡିକର ରୂପାନ୍ତରଣ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୧୦୭୫ଟି ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିବାବେଳେ ଏଥିରେ କୋରାପୁଟ ଜିଲା ନାରାୟଣାଟଣା ବ୍ଲକର ଗୋଟିଏ ବିଦ୍ୟାଳୟ ସାମିଲ ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଦୁଇଟି ଏବଂ ତୃତୀୟ ପର୍ଯ୍ୟାୟରେ ୪ଟି ବିଦ୍ୟାଳୟ ସାମିଲ ହୋଇଥିଲା। ଚତୁର୍ଥ ପର୍ଯ୍ୟାୟ ରୂପାନ୍ତରଣ ପାଇଁ ନାରାୟଣପାଟଣା ବ୍ଲକରେ ପୁଣି ୪ଟି ବିଦ୍ୟାଳୟ ଚିହ୍ନଟ ହୋଇଥିଲା। ଗୋଟିଏ ବିଦ୍ୟାଳୟର କଭିତ୍ତିଭୂମି କାର୍ଯ୍ୟ ସରି ନ ଥିବାରୁ ତଳଗୁମାଣ୍ଡି ପୋଡାପଦର, ପିଲକୁରର ତିନୋଟି ସ୍କୁଲ ଚତୁର୍ଥ ପର୍ଯ୍ୟାୟରେ ରୂପାନ୍ତରିତ ଲାଗି ସୁଦୃଢ ଭିତ୍ତିଭୂମି ପ୍ରସ୍ତୁତ ହୋଇଛି। ନାରାୟଣପାଟଣା ବ୍ଲକର ଦୁର୍ଗମ ଅଞ୍ଚଳରେ ଥିବା ଏହି ତିନୋଟି ବିଦ୍ୟାଳୟକୁ ସୋମବାର ମୁଖ୍ୟମନ୍ତ୍ରୀ ଭରଚୁଆଲ ମାଧ୍ୟମରେ ଲୋକାର୍ପିତ କରିବେ। ବ୍ଲକ ପ୍ରଶାସନ ତରଫରୁ ବିଡିଓ ପିୟୁଷ ଲୁହାର, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୁଶାନ୍ତ ମହାଲିକ, କନିଷ୍ଠ ଯନ୍ତ୍ରୀ ସତେନ୍ଦ୍ର ଦତ୍ତ, ଅକ୍ଷୟ ସାହୁ, ରୋସନ ଗୁରିଆ ଏହାର ତଦାରଖ କରୁଛନ୍ତି। ନାରାୟଣପାଟଣା ସହ କୋରାପୁଟ ଜିଲାରେ ୮୭ଟି ରୂପାନ୍ତରିତ ବିଦ୍ୟାଳୟର ଲୋକାର୍ପିତ ହେବାକୁ ସୂଚନା ମିଳିଛି। ଉପାନ୍ତ ଅଞ୍ଚଳରେ ଛାତ୍ରୀଛାତ୍ର କଳାପଟା ବଦଳରେ ଇ-କଣ୍ଟେଣ୍ଟ ଏବଂ ପ୍ରୋଜେକ୍ଟରରେ ପାଠ ପଢିବେ। ଉନ୍ନତ ମାନର ଶ୍ରେଣୀ ଗୃହ, ଖେଳ ପଡିଆ ସହିତ ଖେଳ ସାମଗ୍ରୀ, ସ୍ମାର୍ଟ ସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ର ସ୍ମାର୍ଟ କ୍ଲାସରୁମ୍‌ରେ ପଢି ରୋବଟିକ୍ସ ଓ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଭଳି ଅତ୍ୟାଧୁନିକ ଜ୍ଞାନ ଆହରଣ କରିପାରିବେ ବୋଲି ଶିକ୍ଷକଙ୍କ ସହ ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା ପ୍ରକାଶ କରିଛନ୍ତି।


ଲୋକାର୍ପିତ ହେବାକୁ ଥିବା ତଳଗୁମାଣ୍ଡି ଉଚ୍ଚ ବିଦ୍ୟାଳୟ।

### ଉପାନ୍ତ ଅଞ୍ଚଳରେ ରୂପ ବଦଳାଇଛି ରୂପାନ୍ତରଣ

# ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ରହିଥିବା ଫାଟକ ଭଙ୍ଗା ବିବାଦ ଥାନାରେ ପହଞ୍ଚିଲା

ନନ୍ଦପୁର, ୨୮।୧(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଅନ୍ତର୍ଗତ ବିବାଦୀୟ ପର୍ଯ୍ୟଟନସ୍ଥଳ ବାଲଡ଼ା ନାଗେଶ୍ୱରୀ ଗୁମ୍ଫା ଓ ପାହାଡ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ଲାଗି ରହିଥିବା ଫାଟକ ଭଙ୍ଗାଯାଇଛି। ଏହାକୁ ନେଇ ଉପୁଜିଥିବା ବିବାଦ ଏବେ ଥାନାରେ ପହଞ୍ଚିଛି। ବନ ବିଭାଗ ସହାୟତାରେ ପର୍ଯ୍ୟଟନ ସ୍ଥଳୀ ଓ ପାହାଡ଼ର ସୁରକ୍ଷା ପାଇଁ ଗଠିତ ନାଗେଶ୍ୱରୀ ବନ ସୁରକ୍ଷା ସମିତି ଦ୍ୱାରା ପାହାଡ ତଳେ ନିର୍ମିତ ଫାଟକକୁ କିଛି ଖଳ ପ୍ରକୃତିର ଲୋକ ଉପାଡ଼ି ଫୋପାଡି ଦେଇଛନ୍ତି। ଏହି ଘଟଣାକୁ ବନ ସୁରକ୍ଷା ସମିତି ପକ୍ଷରୁ ନିନ୍ଦା କରାଯିବା ସହ ଏନେଇ କର୍ମକର୍ତ୍ତାମାନେ ଥାନାରେ ଏତଲା ଦେଇଛନ୍ତି। ଏହାର ଏକକିତା ନକଲ ବାଲଡ଼ା ବନାଞ୍ଚଳ ଅଧିକାରୀ ଓ ବନପାଳଙ୍କୁପ୍ରେଦାନ କରାଯାଇଛି। ଫାଟକ ଭଙ୍ଗାଯାଇଥିବାରୁ ଆଗାମୀ ଦିନରେ ପାହାଡ ଉପରେ କୌଣସି ଅଘଟଣ ଘଟିଲେ ନାଗେଶ୍ୱରୀ ବନସୁରକ୍ଷା ସମିତି ଦାୟୀ ରହିବ ନାହିଁ ବୋଲି ସଭାପତି ରବୀନ୍ଦ୍ର ପାଙ୍ଗି, ଉପସଭାପତି କାର୍ତ୍ତିକ ଖେମୁଣ୍ଡୁ, ମଦନ ହାତପୁଟିଆ, ଲବ ଖିଲ, ଖଗେଶ୍ୱର ଦେସ୍ତି ପ୍ରମୁଖ ସୂଚନା ଦେଇ ଏହାକୁ ଏତଲାରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷରେ ପାଡୁଆ ଥାନାଧିକାରୀ ଅଶୋକ ବିଷୋୟୀ ଉକ୍ତ ବିବାଦର ସମାଧାନ ପାଇଁ ରବିବାର ଭେଜା ପଥପ୍ରାନ୍ତ ସେବା କେନ୍ଦ୍ରରେ ସମିତିର କର୍ମକର୍ତ୍ତା ଓ ଫାଟକ ଭାଙ୍ଗିଥିବା ଗୋଷ୍ଠୀଙ୍କୁ ନେଇ ଏକ ବୈଠକ କରିଥିଲେ। ଏଥିରେ କିଛି ସମାଧାନ ହୋଇ ନ ପାରିବାରୁ ଏହି ବୈଠକ ବିଫଳ ହୋଇଛି। ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଶୋୟୀ କହିଛନ୍ତି।

## ମା'ବାପାଙ୍କ ମୃତ୍ୟୁ ପରେ ଅନାଥ ହେଲେ ୩ ଶିଶୁ

ଦଶମନ୍ତପୁର, ୨୮।୧ ( ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତ ମରିଚଗୁଡା ଗ୍ରାମରେ ମା'ବାପାଙ୍କ ମୃତ୍ୟୁ ପରେ ୩ ଶିଶୁ ଅନାଥ ହୋଇଯାଇଛନ୍ତି। ଗ୍ରାମର ଅର୍ଜ୍ଜି ସାଉଁନ୍ତା ସ୍ତ୍ରୀ ସୁକାରୀ ଓ ତାଙ୍କ ୩ ସନ୍ତାନ ଝିଅ ରମିତା (୧୩), ଦୁଇ ପୁଅ ନିରଞ୍ଜନ(୭) ଓ ରାହୁଲ(୬)ଙ୍କୁ ନେଇ କୁଲି ମଜୁରି ଲାଗି ଯାହା ରୋଜଗାର କରୁଥିଲେ ସେଥିରେ ପରିବାର ଚଳୁଥିଲେ। କୌଣସି କାରଣରୁ ଅର୍ଜ୍ଜିଙ୍କ ମୃତ୍ୟୁ ଘଟିବା ପରେ ସ୍ତ୍ରୀ ମୂଲମଜୁରି ଲାଗି ପିଲାଙ୍କୁ ଚଳାଉଥିଲେ। ଏବେ କିଛି ଦିନ ତଳେ ସୁକାରୀଙ୍କ ମୃତ୍ୟୁ ହୋଇଛି। ଫଳରେ ୩ ସନ୍ତାନ ଅନାଥ ହୋଇ ପଡିଛନ୍ତି। କୁଲି କରି ନିଜ ପରିବାର ଚଳାଉଥିବା ଦାଦା ଅମି ସାଉଁନ୍ତାଙ୍କ ପାଖରେ ଏହି ୩ ଭଉଣୀ ଭାଇ ଅଛନ୍ତି। ତେବେ ମୋ ପରିବାର ସହ ଝିଆରୀ ପୁତୁରାଙ୍କ ପ୍ରତିପୋଷଣ ଲାଗି ମୁଁ ସକ୍ଷମ ନୁହେଁ ବୋଲି କହିଛନ୍ତି ଅମି। ତେବେ ଏହି ତିନି ଅନାଥ ଶିଶୁଙ୍କୁ ପ୍ରଶାସନ ପକ୍ଷରୁ ଥଇଥାନ କରିବାକୁ ଦାଦା ଅମିଙ୍କ ସହ ଗ୍ରାମବାସୀ ନିବେଦନ କରିଛନ୍ତି।


ଦାଦାଙ୍କ ପାଖରେ ବସିଥିବା ଦୁଇ ଝିଅ ଓ ପୁଅ।

# ୧୯୯୪ର ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ


ବନ୍ଧୁମିଳନରେ ଉପସ୍ଥିତ ପୁରାତନ ଛାତ୍ରୀଛାତ୍ର।

କୁନ୍ଦୁରା, ୨୮।୧(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନନ୍ତ ବିଦ୍ୟାପୀଠରେ ଦୀର୍ଘ ୩୦ବର୍ଷ ପରେ ୧୯୯୪ ମସିହାର ପୂର୍ବତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୩୦ ବର୍ଷ ତଳେ ଯେଉଁ ଛାତ୍ରୀଛାତ୍ରଙ୍କୁ ନେଇ ଏହି ଶିକ୍ଷାନୁଷ୍ଠାନ ଆରମ୍ଭ ହୋଇଥିଲା ସେମାନଙ୍କୁ ଦେଖି ଶିକ୍ଷକମାନେ ଭାବବିହ୍ୱଳ ହୋଇପଡିଥିଲେ। ୩୦ ବର୍ଷ ଧରି ଏହି ଅନୁଷ୍ଠାନ ସହ ଜଡିତ ଥିବା ପ୍ରଧାନ ଶିକ୍ଷକ ବିଜୟ କୁମାର ଭଞ୍ଜ, ରାମକୃଷ୍ଣ ପାତ୍ର, ଅକ୍ଷୟ ଖୁଣ୍ଟିଆ, ଅଖିଳ ଶତପଥୀ, ପ୍ରଶାନ୍ତ ଶତପଥୀ, ମନୋଜ ଦାସ, ପ୍ରଭାକର ସାମନ୍ତରାୟ, ନରସିଂହ ଶତପଥୀ ଏବଂ ସୁଧୀର ମହାପାତ୍ର ପ୍ରମୁଖ ନିଜ ଅନୁଭୂତି ପ୍ରକାଶ କରିଥିଲେ। ଇତି ମଧ୍ୟରେ ପରଲୋକ ହୋଇଯାଇଥିବା ବିଦ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ସ୍ୱର୍ଗତ ଫୁଲଦାସ ଗୌଡ, ପୂର୍ବତନ ଛାତ୍ର ମାର୍କଣ୍ଡ ପୂଜାରୀ, ସୁରେନ୍ଦ୍ର ବିଶୋୟୀଙ୍କ ପରଲୋକ ହୋଇଯାଇଥିବାରୁ ସେମାନଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସୂଚନାଯୋଗ୍ୟ, କୁନ୍ଦୁରା ବ୍ଲକରେ ଏକମାତ୍ର ବିଦ୍ୟାଳୟ ଶ୍ରୀ ଅରବିନ୍ଦ ଶିକ୍ଷା ନିକେତନ ରହିଥିବା ବେଳେ ଅଧିକାଂଶ ଛାତ୍ରୀଛାତ୍ର ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢି ପରେ ଉଚ୍ଚଶିକ୍ଷା ପାଇଁ ସମସ୍ୟାର ସମ୍ମୁଖୀନ ହେଉଥିଲେ। କେତେକେ ପାଠପଢା ଛାଡିବାକୁ ବାଧ ହେଉଥିଲେ। ୧୯୯୧ରେ ଡଙ୍ଗରପାଉଁଶିଠାରେ ପ୍ରତିଷ୍ଠା ହୋଇଥିଲା ଅନନ୍ତ ବିଦ୍ୟାପୀଠ। ପୂର୍ବତନ ଛାତ୍ର ମାନସ ରଞ୍ଜନ ଖୁଣ୍ଟିଆ, ଜୟନ୍ତ ଭଞ୍ଜ, ହେମନ୍ତ ଶତପଥୀ, ପ୍ରଦ୍ୟୁମ୍ନ ସାମନ୍ତରାୟ, ସନ୍ତୋଷ ପ୍ରହରାଜ, ସୌଭାଗ୍ୟ ଜେନା, କଳ୍ପନା ମିଶ୍ର, କବିତା ତ୍ରିପାଠୀ, ମମତା ଶତପଥୀଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଦେଖି ଭାବବିହ୍ୱଳ ହେଲେ ଶିକ୍ଷକ

## କବିତା ପୁସ୍ତକ 'ଶୂନ୍ୟ ଆରୋହଣ' ଉନ୍ମୋଚିତ

ବୈପାରିଗୁଡା,୨୮।୧(କଳ୍ପତରୁ ମହାନ୍ତି)–

କୋରାପୁଟ ଜିଲାର ବରିଷ୍ଠ କବି ଚକ୍ରପାଣି ପରିଛାଙ୍କ ୬ଷ୍ଠ କବିତା ପୁସ୍ତକ 'ଶୂନ୍ୟ ଆରୋହଣ' ରବିବାର ଉନ୍ମୋଚିତ ହୋଇଛି। କୋରାପୁଟସ୍ଥିତ ସଦ୍‌ଭାବନା ସଭାଗୃହରେ ଆୟୋଜିତ କବିତା ଆସରରେ ଏହି ପୁସ୍ତକକୁ ସାହିତ୍ୟିକ ଅସିତ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇ ଉନ୍ମୋଚନ କରିଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ପ୍ରାଧ୍ୟାପକ ତଥା ଗାଳ୍ପିକ ନାରାୟଣ ପଣ୍ଡା, ଗବେଷକ ଡ. ଜଗବନ୍ଧୁ ସାମଲ, ଶିକ୍ଷାବିତ ନଳିନିରଞ୍ଜନମିଶ୍ର, ଅଧ୍ୟାପକ ରବି ଶତପଥୀ, ଡ.ପ୍ରୀତିଧାରା ସାମଲ, ଅନୁବାଦକ ବିଜୟ ପ୍ରଧାନ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ଡ.ମହାନ୍ତିକବିତା ପୁସ୍ତକଉପରେ ଆଲୋଚନା କରି ଚକ୍ରପାଣିଙ୍କ କବିତାରେ ରହିଥିବା ଗଭୀର ଅନୁଭବ ତଥା ସାନ୍ଦ୍ରତା ସମ୍ପର୍କରେ ମତ ରଖିଥିଲେ। ପ୍ରକାଶଥାଉକି କବି ଚକ୍ରପାଣିଙ୍କ ଏହାପୂର୍ବରୁ ୫ଟି କବିତା ପୁସ୍ତକ ପ୍ରକାଶ ପାଇ ପାଠକାଦୃତ ହୋଇପାରିଛି।

# ଉପକୃତ ହେବେ ମାଲିପୁଟ, ପୁକାଲି ସହ କୋଟିଆ ପଞ୍ଚାୟତର ଚାଷୀ

ପଟ୍ଟାଙ୍ଗି,୨୮।୧(ଶରତ ଧଳ)–

ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକ ଓ ଚାଷୀ କିପରି ଚାଷ ସମ୍ପର୍କିତ ସମସ୍ତ ସୁବିଧା ସହଜରେ ପାଇବେ ଏହାକୁ ଦୃଷ୍ଟିରେ ରଖି ଗୋଟିଏ ଲ୍ୟାମ୍ପସ୍‌କୁ ବିଭକ୍ତ କରି ନୂତନ ଭାବେ ଗଠନ କରାଯାଇଥିବା ୩ଟି ଲ୍ୟାମ୍ପସ କାର୍ଯ୍ୟାଳୟ ରବିବାର ଉଦ୍‌ଘାଟିତ ହୋଇଛି। ଏହା ଦ୍ୱାରା ମାଲିପୁଟ, ପୁକାଲି ଓ କୋଟିଆ ୩ଟି ପଞ୍ଚାୟତର ଚାଷୀ ଉପକୃତ ହେବେ। ଏହି ୩ଟି ଲ୍ୟାମ୍ପସ୍ ପୂର୍ବରୁ ପଟ୍ଟାଙ୍ଗି ଲ୍ୟାମ୍ପସ୍ କାର୍ଯ୍ୟାଳୟ ଅଧୀନରେ ଥିଲା। ପ୍ରଥମେ ମାଲିପୁଟ ପଞ୍ଚାୟତ ଅଧୀନ କୁନ୍ଦୁଲି ସାପ୍ତାହିକ ହାଟଠାରେ ଥିବା ନୂତନ ଲ୍ୟାମ୍ପସ୍ କାର୍ଯ୍ୟାଳୟକୁ ଜୟପୁର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଈଶର ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ କେନ୍ଦ୍ର ସମବାୟ ବ୍ୟାଙ୍କର ଏକ ଶାଖା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାରେ ଖୋଲିବାକୁ ଯୋଜନା କରାଯାଇଛି। ଏହା ହେଲେ ଚାଷୀ ଓ ଲୋକଙ୍କୁ ଆଉ ୨୨ କି.ମି. ଦୂର ସେମିଳିଗୁଡା ବ୍ୟାଙ୍କ ଉପରେ ନିର୍ଭର କରିବାକୁ ପଡିବ ନାହିଁ ବୋଲି କହିଥିଲେ। ଏହି ସମୟରେ କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପିତମ ପାଢୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି, ବୋରିଗୁମ୍ମା ଜିଲା ପରିଷଦ ସଭ୍ୟ ପ୍ରଶାନ୍ତ ଚନ୍ଦ୍ର ବିଡିକା, କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟର ରମାକାନ୍ତ ରାଉଳ, ସହକାରୀ ନିବନ୍ଧକ ଅମୂଲ୍ୟ ସେଠୀ, ଏମ୍‌ପି ପ୍ରତିନିଧି ଶୁକ୍ରା ଖରା, ମାଲିପୁଟ ଲ୍ୟାମ୍ପସ୍ ସଭାପତି ପୂର୍ବ ଗୁନେଇ ପାଡିଆ, ପଟ୍ଟାଙ୍ଗି ଲ୍ୟାମ୍ପ ସଭାପତି ଚିକୁଣ୍ଡୁ ପାଙ୍ଗିଙ୍କ ସମେତ ୧୪ ଜଣ ଡାଇରେକ୍ଟର ଉପସ୍ଥିତ ଥିଲେ। ପଟ୍ଟାଙ୍ଗି ଲ୍ୟାମ୍ପସ୍ ଏମଡି ଦିଗାମ୍ବର ନାୟକ, ଅବସରପ୍ରାପ୍ତ ଏମଡି ବଳରାମ ବାରିକ, ଟିପି ରାକେଶ ରାଜୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାପରେ ଅତିଥିମାନେ ପୁକାଲି ଓ କୋଟିଆରେ ନୂତନ ଲ୍ୟାମ୍ପସ୍ କାର୍ଯ୍ୟାଳୟ ଉଦ୍‌ଘାଟନ କରିଥିଲେ। ଏଠାରେ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଜିଲା ପରିଷଦ ସଭ୍ୟ ଲଇଚନ ଖରା, ପୁକାଲି ଲ୍ୟାମ୍ପସ୍ ସଭାପତି ଖିଲ, କୋଟିଆ ଲ୍ୟାମ୍ପସ୍ ସଭାପତି ଲିୟୁ ଗେମେଲ, ବିଜେଡି ବ୍ଲକ ସଭାପତି ବିଶ୍ୱନାଥ ପଡାଲ, ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱନାଥ ଖରା ପ୍ରମୁଖ ଉପସ୍ଥିତ ଥିଲେ।

### ୩ ନୂତନ ଲ୍ୟାମ୍ପସ୍ ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

# ସଫା କରାଯାଉନି ଅଳିଆ ଆବର୍ଜନା

ସେମିଳିଗୁଡ଼ା/ସୁନାବେଡ଼ା,୨୮।୧
(ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

ସମଗ୍ର ରାଜ୍ୟରେ ସର୍ବବୃହତ୍ ଆଦର୍ଶ ବଜାରର ମାନ୍ୟତା ପାଇଥିବା କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକର କୁନ୍ଦୁଲି ହାଟ ଏବେ ଅବହେଳିତ ଅବସ୍ଥାରେ ରହିଛି। ଏକଦା ଚାଷୀ ଓ ଚାଷ ଉତ୍ପାଦିତ ସାମଗ୍ରୀ ବିକ୍ରିକୁ ନେଇ ବେଶ୍ ଚଳଚଞ୍ଚଳ ଥିବା ଏହି ହାଟର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ହାଟସାରା ଅଳିଆ ଆବର୍ଜନା ପଡ଼ିଥିବା ବେଳେ କୁଢ଼ କୁଢ଼ ଆବର୍ଜନା ପଚି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ୨୦୧୭ରେ ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟରେ ଆର୍‌ଏମ୍‌ସି ଏଠାରେ ଗୋଟିଏ କୃଷକ ବଜାର ନିର୍ମାଣ କରିଥିଲା। ହାଟରେ ବ୍ୟବସାୟୀମାନେ ବସିବା ପାଇଁ ପିଣ୍ଡି ନିର୍ମାଣ ସହ କୃଷିଜାତ ସାମଗ୍ରୀ ରଖିବା ପାଇଁ ଷ୍ଟଲ କରାଯାଇଥିଲା। ମାତ୍ର ନିୟନ୍ତ୍ରିତ ବଜାର କମିଟିର ଉଦାସୀନତା ଯୋଗୁ ବ୍ୟବସାୟୀମାନେ ସେଠାରେ ନ ବସି ରାସ୍ତା କଡ଼ରେ ଉତ୍ପାଦିତ ସାମଗ୍ରୀ ବିକ୍ରି କରୁଛନ୍ତି। ନିର୍ମାଣ କରାଯାଇଥିବା ସ୍ଥାନଟି ମୁଖ୍ୟ ରାସ୍ତାଠାରୁ ଦୂରରେ ଥିବାରୁ ସେଠାକୁ ଗ୍ରାହକ ଯିବାକୁ ପସନ୍ଦ କରୁ ନ ଥିବା କେତେ ଜଣ ବ୍ୟବସାୟୀ କହିଛନ୍ତି। ଏବେ ବ୍ୟବସାୟୀମାନେ ବସୁଥିବା ରାସ୍ତା କଡ଼ ହାଟରୁ ନିୟନ୍ତ୍ରିତ ବଜାର କମିଟି ପ୍ରତିଦିନ ଟିକସ ଆଦାୟ କରୁଥିବା ବେଳେ ଅଳିଆ ଆବର୍ଜନା ସଫା କରିବାକୁ ଭୁଲିଯାଉଛି। ଏନେଇ କମିଟିରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ। ଅନ୍ୟପକ୍ଷରେ ରାସ୍ତା କଡ଼ରେ ହାଟ ବସୁଥିବାରୁ ରାସ୍ତା ଅବରୋଧ ହେବା ସହ ସଂକୀର୍ଣ୍ଣ ହୋଇଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ଏହା ଯେ, ବିଶ୍ୱ ମାନଚିତ୍ରରେ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇଥିବା ଦେଓମାଳି, କୋଟିଆ ଓ ପଟାଙ୍ଗିର ଗାଲିଗବଦରକୁ ଯିବାକୁ କୁନ୍ଦୁଲି ହେଉଛି କେନ୍ଦ୍ରସ୍ଥଳ। ଏହି ରାସ୍ତା ଦେଇ ପର୍ଯ୍ୟଟନ ସ୍ଥଳୀଗୁଡିକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁସଂଖ୍ୟକ ପର୍ଯ୍ୟଟକ ଯାଇଥାନ୍ତି। ଏ ସମ୍ପର୍କରେ କୁନ୍ଦୁଲି ଜାତୀୟ କୃଷି ବଜାର କାର୍ଯ୍ୟନିର୍ବାହୀ ଅଧିକାରୀ ଅରୁଣ ଜେନାଙ୍କୁ ପଚାରିବାରୁ ସେ କହିଲେ, ସେଠାରୁ କୌଣସି ଟିକସ ଆଦାୟ କରାଯାଉ ନାହିଁ। ନିୟମିତ ବ୍ୟବଧାନରେ ଅଳିଆ ସଫା କରାଯାଉଛି। ଲୋକଙ୍କୁ ବାରମ୍ବାର ସଚେତନ କରିବା ସତ୍ତ୍ୱେ ସେମାନେ ଅଳିଆ ଗଦା କରୁଛନ୍ତି। ତେବେ ଯଦି କିଛି ସମସ୍ୟା ରହିଛି, ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।



- ଶୋଚନୀୟ ହୋଇପଡ଼ିଛି କୁନ୍ଦୁଲି ହାଟ
- ଟିକସ ଆଦାୟ କରି ନିୟନ୍ତ୍ରଣ ବଜାର କମିଟି ନୀରବ

## ସଂକ୍ଷେପରେ

### ବଡ଼ଆମ୍ବଡ଼ା ହାଇସ୍କୁଲରେ ବାର୍ଷିକ ଉତ୍ସବ

କୋଷାଗୁମୁଡ଼ା, ୨୮।୧(ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବଡ଼ଆମ୍ବଡା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ ମନୋଜ କୁମାର ହରିଜନଙ୍କ ପୌରୋହିତ୍ୟରେ ପାଳିତ ହୋଇଛି। ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ସର୍ବେଶ୍ୱରୀ ମାଝି, ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ବଡ଼ଆମ୍ବଡ଼ା ସରପଞ୍ଚ ଶିଶୁପାଳ ରନ୍ଧାରୀ, ସମିତି ସଭ୍ୟା ଶାନ୍ତି ବିଷୋୟୀ, ଜିଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ବିଇଓ ସୁଭାଷ ଚନ୍ଦ୍ର ରାଏ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ପୂର୍ବରୁ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଛନ୍ତି। କାର୍ଯ୍ୟକ୍ରମକୁ ଶିକ୍ଷକ ଓ କର୍ମଚାରୀମାନେ ପରିଚାଳନା କରିଥିଲେ।

### ଏନ୍. ମୋହନ କୁମାର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଡାବୁଗାଁ, ୨୮।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ମିନି ଷ୍ଟାଡିୟମରେ ସ୍ୱାଧୀନତା ସଂଗ୍ରାମୀ ସନୁ ମାଝି ଯୁବକ ସଂଘ ସହଯୋଗରେ ଏନ୍. ମୋହନ କୁମାର କ୍ରିକେଟ ଟୁର୍ନାମେଣ୍ଟ ଦିଲ୍ଲୀପ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ୩୨ଟି ଦଳ ଉକ୍ତ ଟୁର୍ନାମେଣ୍ଟରେ ଭାଗ ନେଇଛନ୍ତି। ପାପଡ଼ାହାଣ୍ଡି ମାନିଗାଁ ଓ ଝରିଗାଁ ଡଙ୍ଗରିଗୁଡ଼ା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯାଇଛି। ମାନିଗାଁ ୧୦ ଓଭରରେ ୪ ଉଇକେଟ ହରାଇ ୧୧୭ ରନ୍ କରିଥିଲା। ବଦଳରେ ଡଙ୍ଗରିଗୁଡ଼ା ଦଳ ୯ ଓଭରରେ ୧୧୮ ରନ୍ କରି ୨ ଉଇକେଟ ହରାଇ ବିଜୟୀ ହୋଇଛି। ଏହାପରେ କୋଷାଗୁମୁଡ଼ା ଡଙ୍ଗାପଖନା ଦଳ ସହ ଝରିଗାଁ ମଙ୍ଗରାଚରା ଦଳ ମଧ୍ୟରେ ମ୍ୟାଚ ହୋଇଛି। ଡଙ୍ଗାପଖନା ୧୦ ଓଭରରେ ୪ ଉଇକେଟ ହରାଇ ୯୮ ରନ କରିଥିଲା। ମଙ୍ଗରାଚରା ଦଳ ୧୦ ଓଭରରେ ୮୭ ରନ୍ କରିଥିଲା। ଏହାପରେ ଡଙ୍ଗାପଖନା ଓ ଡଙ୍ଗରିଗୁଡ଼ା ଦଳ ମଧ୍ୟରେ ମ୍ୟାଚ ଖେଳାଯାଇଛି। ଡଙ୍ଗରିଗୁଡ଼ା ଦଳ ୪ଉଇକେଟ ବିନିମୟରେ ୧୦ ଓଭରରେ ୧୩୮ ରନ୍ କରିଥିବାବେଳେ ଡଙ୍ଗାପଖନା ୧୦ ଓଭରରେ ୬ଉଇକେଟ ହରାଇ ୧୧୫ ରନ୍ କରି ପରାସ୍ତ ହୋଇଛି। ସନୁ ମାଝି ଯୁବକ ସଂଘ ସଦସ୍ୟମାନେ ଖେଳ ପରିଚାଳନା କରିଥିଲେ।

### ଗୋଲାପ ଫୁଲ ଦେଇ ସଡ଼କ ସୁରକ୍ଷା ସଚେତନତା

ଡାବୁଗାଁ, ୨୮।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ସିଂଶାରୀ ଫାଣ୍ଡି ଅଧୀନ ସିଂଶାରୀ–ଛତିଶଗଡ ମୁଖ୍ୟ ରାସ୍ତାରେ ଇଷ୍ଟ ଇଣ୍ଡିଆ କନସୋରଟିୟମ ସଂସ୍ଥା ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ହେଲମେଟ ପିନ୍ଧିବା, ୨ ଚକିଆ ଗାଡିରେ ୨ ଜଣରୁ ଅଧିକ ନ ବସିବା, ସିଟ ବେଲ୍ଟ ଲଗାଇ ଗାଡି ଚଲାଇବାକୁ ସଚେତନ କରାଯାଇଛି। ଏଥିସହ ମଦ୍ୟପାନ କରି କିମ୍ବା ମୋବାଇଲ ଧରି ଅଥବା ଅନ୍ୟମନସ୍କ ହୋଇ ଗାଡି ଚଳାନ୍ତୁ ନାହିଁ ବୋଲି ଲୋକମାନଙ୍କୁ ବୁଝାଯାଇଛି। ଏଥିସହ ଗୋଲାପ ଫୁଲ ଓ ଜଗନ୍ନାଥଙ୍କ ଫଟୋ ଥିବା ଲକେଟ



ଦେଇ ଗାଡି ଚାଳକମାନଙ୍କୁ ସଚେତନ କରାଯାଇଥିଲା। ଏହି ସମୟରେ ସିଂଶାରୀ ଫାଣ୍ଡି ଅଧିକାରୀ ଶିଶିରକାନ୍ତ ଘୋଷ, ଟିମ୍ ଲିଡର ଚକ୍ରଧର ମହାରଣା, ଏକାଦଶୀ ପରିଡ଼ା, ଗଦାଧର ମହାରଣା, ମୃତ୍ୟୁଞ୍ଜୟ ମୁଦୁଲି, ନକୁଳ ବରାଳ ଓ ଫାଣ୍ଡି ପୋଲିସମାନେ ଉପସ୍ଥିତ ଥିଲେ।

# ଜଙ୍ଗଲ ସୁରକ୍ଷା ସହ ସୃଷ୍ଟି କରୁଛନ୍ତି ନୂତନ ଜଙ୍ଗଲ

ଡାବୁଗାଁ, ୨୮।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

**ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ଜାମୁଗୁଡ଼ାବାସୀ**

ଜୀବଜଗତ ବଞ୍ଚିବା ପାଇଁ ବୃକ୍ଷ ଆବଶ୍ୟକ। କିନ୍ତୁ ଲୋକମାନେ ବିଭିନ୍ନ କାରଣରୁ ଗଛ କାଟୁଛନ୍ତି। ଏପରିକି ଜନବସତି ପାଇଁ ମଧ୍ୟ ଜଙ୍ଗଲ ଏଥିରୁ ବାଦ୍ ପଡୁନାହିଁ। ପାଣିପାଗ ପରିବର୍ତ୍ତନ ଓ ପରିବେଶ ସନ୍ତୁଳନରେ ଜଙ୍ଗଲର ଭୂମିକାକୁ ଲୋକେ ଭୁଲିଯାଉଛନ୍ତି। ଜଙ୍ଗଲଜାତ ଦ୍ରବ୍ୟ ଯେ କେତେ ଆବଶ୍ୟକ ତାହା ସମସ୍ତେ ଜାଣନ୍ତି। ଏହା ସତ୍ତ୍ୱେ ମଧ୍ୟ ଲୋକେ ଗଛ କାଟିବାକୁ ପଛାଉ ନାହାନ୍ତି। କିନ୍ତୁ ଏପରି ଏକ ଗ୍ରାମ ଅଛି ଯେଉଁଠି ଲୋକମାନେ ଜଙ୍ଗଲର ଆବଶ୍ୟକତାକୁ ବୁଝିଛନ୍ତି। ଜଙ୍ଗଲର ସୁରକ୍ଷା ଦିଗରେ ସେମାନେ ବେଶ୍ ସଚେତନ। ଗ୍ରାମବାସୀ ପାଳିକରି ଜଙ୍ଗଲ ଜଗିବା ସହ ନୂତନ ଜଙ୍ଗଲ ସୃଷ୍ଟି କରୁଛନ୍ତି। ଜଙ୍ଗଲ ସୁରକ୍ଷା ଦିଗରେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଅଧୀନ ଜାମୁଗୁଡ଼ା ଗ୍ରାମବାସୀ।



ଜାମୁଗୁଡ଼ା ଗ୍ରାମ ନିକଟରେ ରହିଛି ସରଗୁଲି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ୨୧୫୦ ଏକର ପରିମିତ ଜଙ୍ଗଲ ଏରିଆ। ଏଥିରୁ ଜାମୁଗୁଡ଼ା ବନ ସଂରକ୍ଷଣ ସମିତି ୨୫୦ ଏକର ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ରହିଛି। ୩୦ ବର୍ଷ ଧରି ଏହି ଜଙ୍ଗଲକୁ ଗ୍ରାମବାସୀ ସୁରକ୍ଷା ଦେଇ ଆସୁଛନ୍ତି। ୨୦୦୪ରେ ଗ୍ରାମବାସୀଙ୍କୁ ନେଇ ବନ ସଂରକ୍ଷଣ ସମିତି ଗଠନ କରାଯାଇଥିଲା। ଏହି ଜଙ୍ଗଲରେ ଶାଳ, ଧଉଡା, ଅସନ, ଚାର, ବଣ ଭାଲିଆ, ବାନ୍ଧଣ, ପିଆଶାଳ, ମୁଣ୍ଡି, ଅର୍ଜୁନ, ହରିଡା, ବାହାଡା, ଅଁଳା, ମହୁଲ, ଶିଶୁ, ଗମ୍ଭାରୀ, ଶିରିଷ, ବାଉଁଶ ସହ ବହୁ ଔଷଧୀୟ ବୃକ୍ଷ ରହିଛି। ପ୍ରତିଦିନ ଗ୍ରାମର ୪ଜଣ ପାଳିକରି ଜଗିଥାନ୍ତି। ମାସକୁ ଗୋଟିଏ ଦିନ ସବୁ ଗ୍ରାମବାସୀ ଏକାଠି ଜଙ୍ଗଲ ଜଗିଥାନ୍ତି। କେହି ଗଛ କାଟିବାକୁ ସାହସ କରି ନ ଥାନ୍ତି। ଏହାଦ୍ୱାରା ଏକ ସବୁଜିମା ପରିବେଶ ସୃଷ୍ଟି ହୋଇପାରିଛି । ଏନେଇ ୨୦୧୯–୨୦ରେ ସରକାରଙ୍କ ପକ୍ଷରୁ ବନ ସୁରକ୍ଷା ସମିତିକୁ ବିଜୁ ପଟ୍ଟନାୟକ ସମ୍ମାନ ପୁରସ୍କାର ମିଳିଛି। ୨୦୧୮–୧୯ରେ ୧ ଏକର ପରିମିତ ଖାଲି ସ୍ଥାନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏକ ପୋଖରୀ ଖନନ କରାଯାଇଛି। ସେଥିରେ ଗ୍ରାମବାସୀ ମାଛଚାଷ କରିଥାନ୍ତି। ୨୦୨୨–୨୩ରେ ବନ ସଂରକ୍ଷଣ ସମିତିକୁ ସବୁଜ ଭାରତ ମିଶନ ଯୋଜନାରେ ଟେଣ୍ଟ, ମାଇକ ସେଟ୍, ଲାଇଟ୍ ସେଟ୍ ଓ ୧୦୦ ଚେୟାର ମିଳିଛି। ଗ୍ରାମବାସୀ ମାଛଚାଷ ଓ ଉକ୍ତ ଟେଣ୍ଟ, ମାଇକ ସେଟ୍, ଲାଇଟ୍ ଆଦିକୁ ବିଭିନ୍ନ କାର୍ଯ୍ୟକ୍ରମରେ ଭଡା ଦେଇ ରୋଜଗାର କରୁଛନ୍ତି। ୨୦୨୦ରେ ଭୁବନେଶ୍ୱର ମୁଖ୍ୟ ବନ ସଂରକ୍ଷକ, କୋରାପୁଟ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଓ ଜିଲା ଜଙ୍ଗଲ ଅଧିକାରୀ ଏଠାକୁ ଆସି ବନୀକରଣର କାର୍ଯ୍ୟପ୍ରଣାଳୀ ଦେଖି ପ୍ରଶଂସା କରିଥିଲେ।

**ସେମାନଙ୍କ ମୁହଁରୁ....**



"ଜଙ୍ଗଲରେ ପୂର୍ବରୁ ଅଳ୍ପ ଗଛ ଥିଲା। ପ୍ରାୟ ୩୦ବର୍ଷ ହେବ ଏହି ଜଙ୍ଗଲ ଜଗି ଆସୁଛୁ। ଜଙ୍ଗଲରୁ ଆମେ କାଠ, ଶାଳମଞ୍ଜି, ମହୁଲ, ହରିଡ଼ା, ବହାଡ଼ା, ଅଁଳା ସଂଗ୍ରହ କରିପାରୁଛୁ।

–ମଙ୍ଗରାଜ ମାଝି (କମିଟି ସଭାପତି)



"ଜଙ୍ଗଲରୁ କାହାରିକୁ ଡାଳଟିଏ ମଧ୍ୟ କାଟିବାକୁ ଦେଉନାହୁଁ। ଜଙ୍ଗଲ ଜଗୁଛୁ ବୋଲି ଭୟରେ ଲୋକେ ଚୋରି କରିବାକୁ ଆସୁନାହାନ୍ତି।

–ଘନ ମାଝି (ସଭ୍ୟ)



"କୌଣସି କାରଣରୁ ଜଙ୍ଗଲରେ ନିଆଁ ଲାଗିଲେ ବନ କର୍ମଚାରୀଙ୍କ ସହ ମିଶି ନିଆଁ ଲିଭାଇ ଥାଉ। ଜଙ୍ଗଲରୁ ରତୁ ବାରି ଜଙ୍ଗଲଜାତ ସାମଗ୍ରୀ ସଂଗ୍ରହକରି ତାହାକୁ ବିକି ରୋଜଗାର କରୁଛୁ। ଜଙ୍ଗଲ ଆମକୁ ଜୀବିକା ଯୋଗାଇଛି।

–ରତନ ଭତରା (ସଭ୍ୟ)

ଜଙ୍ଗଲକୁ ସୁରକ୍ଷା ହେଉଥିବାରୁ ଏହା ଏବେ



"ସବୁଜିମା। ଯାହାପାଇଁ ବହୁତ ପରିଶ୍ରମ କରିବାକୁ ପଡୁଛି। ଜଙ୍ଗଲକୁ ଦେଖି ଆମ୍ଭ ସନ୍ତୋଷ ମିଳୁଛି।

–ପ୍ରଭୁଦାସ ମାଝି (ସଭ୍ୟ)



"ବନ ବିଭାଗ ପକ୍ଷରୁ ଜଙ୍ଗଲରେ ଖୋଳା ଯାଇଥିବା ପୋଖରୀରେ ମାଛଚାଷ କରି ମାଛ କରୁଛୁ। ବିଭାଗ ପକ୍ଷରୁ ଦିଆଯାଇଥିବା ଟେଣ୍ଟ, ଲାଇଟ, ମାଇକ ସେଟ୍‌କୁ ଭଡ଼ାରେ ଦେଇ ରୋଜଗାର କରିପାରୁଛୁ।

–ଦୁର୍ଜନ ପନକା (ସଭ୍ୟ)



"ଜାମୁଗୁଡ଼ା ଗ୍ରାମବାସୀ ମିଳିମିଶି ଜଙ୍ଗଲ ଜଗୁଥିବାରୁ ତାହା ଗଛଲତାରେ ଭରି ରହିଛି। ପ୍ରତ୍ୟେକ ରବିବାର ଗ୍ରାମର ବନ ସୁରକ୍ଷା ସମିତି ସଭ୍ୟାସଭ୍ୟ ଏକାଠି ଜଙ୍ଗଲ ଜଗିଥାନ୍ତି।

–ରୀତାରାଣୀ ବିଶ୍ୱାସରାୟ (ବନରକ୍ଷୀ)



"ଜଙ୍ଗଲକୁ ଯେବେ ପରିଦର୍ଶନରେ ଯାଇଥାଏ ୪ରୁ୬ ଜଣ ଲୋକ ଜଙ୍ଗଲ ଚାରିପଟେ ବୁଲି ଏହାକୁ ସୁରକ୍ଷା ଦେଉଥାନ୍ତି। ଜଙ୍ଗଲକୁ କେମିତି ସୁରକ୍ଷା ଦିଆଯିବ ସେନେଇ ବୈଠକରେ ବୁଝାଇଥାଏ। ବନ ସୁରକ୍ଷା ସଂରକ୍ଷଣ ସମିତି ଯୋଗୁ ଜଙ୍ଗଲଟି ସବୁଜିମାରେ ପରିପୂର୍ଣ୍ଣ ହୋଇଛି।

–ଉମାକାନ୍ତ ପଟ୍ଟନାୟକ (ବନପାଳ)



"ବନ ସଂରକ୍ଷଣ ସମିତିର ସଭ୍ୟମାନେ ଦାୟିତ୍ୱର ସହ ଜଙ୍ଗଲ ଜଗୁଛନ୍ତି। ଗ୍ରାମରେ ଥିବା ଏସ୍‌ଏଚ୍‌ଜି ମହିଳାମାନେ ମଧ୍ୟ ଜଙ୍ଗଲ ସୁରକ୍ଷାରେ ସହାୟତା କରିଥାନ୍ତି। ଗ୍ରାମବାସୀ ଏବଂ ବନ ବିଭାଗର ପ୍ରଚେଷ୍ଟାରେ କିଛି ବର୍ଷ ହେଲା ଜଙ୍ଗଲରେ ନିଆଁ ଲାଗିନାହିଁ। ଫଳରେ ନୂତନ ଭାବେ ମଞ୍ଜି ପଡ଼ି ଚାରା ଗଛ ସୃଷ୍ଟି ହୋଇପାରିଛି। ଜଙ୍ଗଲ ସବୁଜିମା ଥିବାରୁ ସେଥିରେ ଜୀବଜନ୍ତୁ ବାସ କରିବା ଦେଖିବାକୁ ମିଳୁଛି। ଏହି ବନ ସଂରକ୍ଷଣ ସମିତି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛି।

–ତଡ଼ିତ କୁମାର ସ୍ୱାଇଁ (ବନାଞ୍ଚଳ ଅଧିକାରୀ)

### ଶିକ୍ଷକଙ୍କୁ ଅବସର, ପଦୋନ୍ନତି ନେଇ ସମ୍ବର୍ଦ୍ଧନା

ଚନ୍ଦାହାଣ୍ଡି, ୨୮।୧(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୦୨୩ରେ ଅବସର ଗ୍ରହଣ କରିଥିବା ୫ଜଣ ଶିକ୍ଷକ ଓ ପଦୋନ୍ନତି ପାଇ ଏବିଇଓ ପଦରେ ଅଧିଷ୍ଠିତ ହୋଇଥିବା ୫ ପ୍ରଧାନଶିକ୍ଷକଙ୍କୁ ଚନ୍ଦାହାଣ୍ଡି ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ସଂଘର ସଭାପତି ପଦ୍ମଲୋଚନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଓଡ଼ିଶା ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ ମୁଖ୍ୟବକ୍ତା, ଏବିଇଓ ନୀଳକଣ୍ଠ ଦାସ, ଏବିଇଓ ପ୍ରେମଚାନ୍ଦ ଧୁରୁଆ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ସୁଜନରାମ ମନହିରା, ତ୍ରିନାଥ ମେହେର, କୀର୍ତ୍ତନ ଜଗତ, ଶିବରାମ ପୂଜାରୀ ଓ ସୁବାସ ଚନ୍ଦ୍ର ଯୋଶୀ ମଞ୍ଚାସୀନ ଥିଲେ। ଏବିଇଓ ପଦୋନ୍ନତି ପାଇଥିବା ଗଣେଶ ନାୟକ, ବଳଭଦ୍ର ବିଷୋୟୀ, ଚନ୍ଦ୍ରକଳା ଜଗତ, ତ୍ରିଲୋଚନ ବାଘ ଓ ଦେବେନ୍ଦ୍ର କୁମାର ବାଘଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ହୃଷୀକେଶ ସୁନାନୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଜଗଦୀଶ ଗୌଡ ମଞ୍ଚ ପରିଚାଳନା କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ସଂଘ ସମ୍ପାଦକ ବସନ୍ତ ଧୁରୁଆ, ଉପସଭାପତି ପ୍ରସନ୍ନ କୁମାର ନାୟକ, ସହସମ୍ପାଦକ ତରଣ ସିଂ ପୂଜାରୀ, କୋଷାଧ୍ୟକ୍ଷ ଅଭିରାମ ବଗର୍ତ୍ତାଙ୍କ ସହ ଶତାଧିକ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ଯାଜପୁର ଜେଏସ୍‌ପି ଚାଲେଞ୍ଜର ଚାମ୍ପିୟନ

**ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ**

ନନ୍ଦାହାଣ୍ଡି,୨୮।୧ (ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ଦହଣା ମିନି ଷ୍ଟାଡିୟମରେ ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୪ ତାରିଖରୁ ଆରମ୍ଭ ହୋଇଥିବା ଆନ୍ତଃରାଜ୍ୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ସ୍ୱର୍ଗତ ପ୍ରଣବ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଥିଲା। ଭିଲାଇ, ଭବାନୀପାଟଣା, ଛତିଶଗଡ଼, ନଗରନାର, ନୂଆପଡା, ଯାଜପୁର, କୋରାପୁଟ, ଚିଟିଆରୁ କ୍ରିକେଟ ଟିମ୍ ଭାଗ ନେଇଥିଲେ। ଜେଏସ୍‌ପି ଚାଲେଞ୍ଜର ଯାଜପୁର ଓ କିଙ୍ଗ ମେକର ଦଳ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ଯାଜପୁର ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ସମସ୍ତ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରିଥିଲା। ଜବାବରେ କିଙ୍ଗ ମେକର ଦଳ ୧୬.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୦୬ ରନ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ସ୍ଥାନୀୟ ସରପଞ୍ଚ କମଳା ପୂଜାରୀ, ନନ୍ଦାହାଣ୍ଡି ଜୋନ୍–୨ ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ତେନ୍ତୁଳିଖୁଣ୍ଟି ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ଉନ୍ନୟନ ପରିଷଦର ସଭ୍ୟ ଜଗବନ୍ଧୁ ଜାନୀ, ସଦାଶିବ ହାଇସ୍କୁଲ ସଭାପତି ପରେଶ ଦାଶ୍, ସମାଜିକ କର୍ମୀ ଜଗନ୍ନାଥ ମହାପାତ୍ର ଏବଂ ଶରତ ଚନ୍ଦ୍ର ଦାଶ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ବିଜୟୀ ଦଳ ଯାଜପୁରକୁ ଚାମ୍ପିୟନ୍ସ ଟ୍ରଫି ସହ ୫୦ହଜାର ଟଙ୍କା ପୁରସ୍କାର ରାଶି ଏବଂ ରନର୍ସଅପ୍ ଦଳକୁ ରନର୍ସ କପ୍ ଏବଂ ୩୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି।



ବିଧାୟକ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

### ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପ୍ରତିଯୋଗିତା

ଝରିଗାଁ, ୨୮।୧(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦରମହକୁମାସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ନୂଆ–ଓ ଯୋଜନାରେ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଅଧ୍ୟକ୍ଷ ଶିବ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଡାବୁଗାଁ ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ରମେଶ ଚନ୍ଦ୍ର ନାହାକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜଗନ୍ନାଥ ସଂସ୍କୃତି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। କବି ପ୍ରଫୁଲ୍ଲ କୁମାର ରାଉତ ମୁଖ୍ୟବକ୍ତା, ଅଧ୍ୟାପକ ସନ୍ତୋଷ କୁମାର ଖିଲାର, ଅଧ୍ୟାପିକା ତୁଷାରୀ କୁମାରୀ ପଟ୍ଟନାୟକ ସମ୍ମାନିତ





ଅତିଥି ଭାବେ ମଞ୍ଚାସୀନ ଥିଲେ। ଗ୍ରନ୍ଥାଗାରିକ ମନୋଜ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଇଂଲିଶ ଅଧ୍ୟାପକ ଶଙ୍କର କୁମାର ନାଲା ଧନ୍ୟବାଦ ଦେଇଥିଲେ । ବିଶ୍ୱରେ ଓଡ଼ିଆ ଭାଷାର ସମ୍ପ୍ରସାରଣ କରିବାକୁ ହେଲେ ଓଡ଼ିଶାବାସୀ ପ୍ରଥମେ ଓଡ଼ିଆ ଭାଷାକୁ ପ୍ରାଧାନ୍ୟ ଦେବା ଜରୁରୀ। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷାର ଏଭଳି ପ୍ରସାର କରୁଥିବା ପ୍ରୟାସକୁ ଅତିଥିମାନେ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ତଥା ଓଡ଼ିଆ ଅଧ୍ୟାପକ ଗୋପାଳ ମହାରଣା ଜଗନ୍ନାଥ ସଂସ୍କୃତିରେ ସାରଗର୍ଭକ ଆଲୋଚନା କରିବା ସହିତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ୩୦ରେ ଭାଜପା ଯୁବ ମୋର୍ଚ୍ଚାର ଜିଲା ବନ୍ଦ ଡାକରା



ଖବରଦାତା ସମ୍ମିଳନୀରେ ଭାଜପା ଯୁବମୋର୍ଚ୍ଚାର ନେତା।

ନବରଙ୍ଗପୁର,୨୮।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର– ଜୟପୁର ରେଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ଜମି ଗ୍ରହଣରେ ଅହେତୁକ ବିଳମ୍ବ କରୁଥିବା ଅଭିଯୋଗ କରିଛି ଭାଜପା। ଏହାର ପ୍ରତିବାଦ ଓ ଅନ୍ୟ ୬ଟି ଦାବିରେ ଭାଜପା ଯୁବମୋର୍ଚ୍ଚା ୩୦ ତାରିଖରେ ନବରଙ୍ଗପୁର ଜିଲା ବନ୍ଦ ଡାକରା ଦେଇଛି। ଏ ନେଇ ନବରଙ୍ଗପୁରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ରବିବାର ଏକ ଖବରଦାତା ସମ୍ମିଳନୀ କରି ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଘୋଷଣା କରିଛନ୍ତି।

କେନ୍ଦ୍ର ସରକାର ନବରଙ୍ଗପୁରକୁ ଆକାଂକ୍ଷା ଜିଲାର ମାନ୍ୟତା ଦେଇ ଏହାର ସର୍ବାଙ୍ଗୀନ ଉନ୍ନତି ପାଇଁ ଅର୍ଥ ବ୍ୟୟବରାଦ କରୁଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଇଚ୍ଛା ଶକ୍ତି ଅଭାବ ଓ ବୈମାତୃକ ମନୋଭାବ ଯୋଗୁ ବର୍ତ୍ତମାନ ସୁଦ୍ଧା ଜିଲାର ବିକାଶ ହୋଇ ପାରୁନି ବୋଲି ଭାଜପା ଯୁବମୋର୍ଚ୍ଚା ଅଭିଯୋଗ କରିଛି। ଏହା ବିରୋଧରେ ମଙ୍ଗଳବାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଜିଲା ବନ୍ଦ କରାଯିବ। ଖୁବ ଶୀଘ୍ର ଦାବି ପୂରଣ ନ ହେଲେ ଭବିଷ୍ୟତରେ ସଚିବାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଜିଲା ଯୁବ ମୋର୍ଚ୍ଚା ସଭାପତି ଶୁଭଜିତ ପାଣିଗ୍ରାହୀ, ନଗର ସଭାପତି ଶ୍ରୀଧର ପାତ୍ର, ରାଜ୍ୟ ଭାଜପା ଯୁବ ମୋର୍ଚ୍ଚା ସଦସ୍ୟ କାହ୍ନୁ ଦାଶ, ଅନନ୍ତ ପଣ୍ଡା, ଶ୍ରୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ନବରଙ୍ଗପୁର ସବ୍ ଜେଲରେ ଛତୁଚାଷ ତାଲିମ

ନବରଙ୍ଗପୁର,୨୮।୧(ସଦାଶିବ ପ୍ରହରାଜ)

ନବରଙ୍ଗପୁର ସବ୍ ଜେଲର ଅନ୍ତେବାସୀଙ୍କୁ ଛତୁ ଚାଷ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ଏହି ତାଲିମ୍ କାର୍ଯ୍ୟକ୍ରମର ସମାପନ ଦିବସରେ ଜିଲାପାଳ ଡ. କମଳ ଲୋଚନ ମିଶ୍ର ୩୫ ଅନ୍ତେବାସୀଙ୍କୁ ମାନପତ୍ର ବଣ୍ଟନ କରିଛନ୍ତି। ଜିଲା ଦକ୍ଷତା କମିଟି ମିଟିଙ୍ଗରେ ଜେଲ ଅନ୍ତେବାସୀଙ୍କ ପାଇଁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମଟି ଜିଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଆନନ୍ଦ ଚନ୍ଦ୍ର ପଲେଇ, ଏସ୍‌ବିଆଇ ଆର୍‌ସେଟିଆଇ ନିର୍ଦ୍ଦେଶକ, ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ପ୍ରୟାସ ଏବଂ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସମ୍ଭବ ହୋଇଛି। କାର୍ଯ୍ୟକ୍ରମରେ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକଙ୍କ ସମେତ ଜେଲର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଜେଲ ଭିତରେ ଛତୁ ଚାଷ କରି ତାହାକୁ ବଜାରରେ କିପରି ବିକ୍ରି କରାଯାଇପାରିବ ସେ ଦିଗରେ ଜିଲା ପ୍ରଶାସନ ସହଯୋଗ କରିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।





ଜିଲାପାଳ ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

## ଦୁର୍ଘଟଣାରେ ଯୁବକ ମୃତ

ଡାବୁଗାଁ, ୨୮।୧ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଅର୍ଜ୍ଜିତଗୁଡ଼ା ଗ୍ରାମ ଛକରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଉମରକୋଟ ଥାନା ଅଧୀନ ତାରାଯୋଡି ଗ୍ରାମର ସଦନ ସାନ୍ତା (୩୫)। ସଦନ ଶନିବାର କୋଡିଗାଁସ୍ଥିତ ବନ୍ଧୁ ଘରକୁ ଯାଇଥିଲେ। ସନ୍ଧ୍ୟାରେ ବାଇକ୍ (ସିଜି–୨୭ଏଲ୍–୩୭୬୧)ରେ ଫେରୁଥିବାବେଳେ ଅର୍ଜ୍ଜିତଗୁଡ଼ା ଗ୍ରାମ ଛକ ପାଖରେ ଏକ ଗାଈ ସହ ତାଙ୍କର ଧକ୍କା ହୋଇଥିଲା। ସଦନ ଛିଟିକି ପଡ଼ି ଆହତ ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ରବିବାର ମୃତକଙ୍କ ଭାଇ ଲଳିତ ସାନ୍ତା ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଥାନା ଏଏସ୍‌ଆଇ ଚନ୍ଦ୍ରଶେଖର ହଜାରୀ ଡାକ୍ତରଖାନାରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏନେଇ କେସ ନଂ ୨୭/୨୪ରେ ଏକ ମାମଲା ରୁଜୁ କରାଯାଇଛି।

## ବୟସ ୭୪, କିନ୍ତୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା

ତେନ୍ତୁଳିଖୁଣ୍ଟି, ୨୮।୧ (ଚିଦାନନ୍ଦ ସାହୁ)





ଜିଲା ଓ ବ୍ଲକ ପ୍ରଶାସନର ଫୋକସରେ ମଞ୍ଚାଗାଁ ଜଳ ବନ୍ଦୀ ଅଞ୍ଚଳ। ଏଠାରେ ବିକାଶର ମାନଚିତ୍ର କରିବା ପାଇଁ ସଙ୍କଳ୍ପ ନେଇ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ବାରମ୍ବାର ଏହି ଅଞ୍ଚଳ ଗସ୍ତ ହେଉଛି। ତଥାପି ଏଠାରେ ଅନେକ ସମସ୍ୟା ରହିଛି। ଲୋକଙ୍କୁ ଏବେବି ଭତ୍ତା ଠିକ୍‌ଭାବେ ମିଳିପାରୁନି। ଯାହର ଉଦାହରଣ ମେଟା ମୁଦୁଲି (୭୪)ଙ୍କୁ ଦେଖିଲେ ସ୍ପଷ୍ଟ ହୁଏ। ବାର୍ଦ୍ଧକ୍ୟ ଭତ୍ତା ପାଇଁ ବହୁବାର ଆବେଦନ କରି ତାଙ୍କୁ ନିରାଶ ହେବାକୁ ପଡୁଛି। ବୃଦ୍ଧ ବୟସରେ ଜଙ୍ଗଲ ଜାତ ସାମଗ୍ରୀ ସାପ୍ତାହିକ ହାଟରେ ବିକ୍ରି କରି ନିଜ ଗୁଜୁରାଣ ମେଣ୍ଟାନ୍ତି। ଜିଲାପାଳ ଜଳବନ୍ଦୀ ଅଞ୍ଚଳ ର ଓ ଅଞ୍ଚଳବାସୀଙ୍କ ସମସ୍ୟା ସମାଧାନ ପ୍ରତି ମାସରେ ବିଭିନ୍ନ ବିଭାଗର କ୍ୟାମ୍ପ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ତଥାପି ମେଟା ଭଳି ଯୋଗ୍ୟ ହିତାଧିକାରୀ କାହିଁକି ନିଜ ହକରୁ ବଞ୍ଚିତ ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଏହି ଅଞ୍ଚଳରେ ବୟସର ମାପ ଦଣ୍ଡକୁ ଭ୍ରୂକ୍ଷେପ ନ କରି ୬୦ ବର୍ଷ ହୋଇ ନ ଥିବା ବହୁ ବ୍ୟକ୍ତି ଭତ୍ତା ପାଉଛନ୍ତି। କିନ୍ତୁ ୭୪ବର୍ଷୀୟ ମେଟା ପ୍ରତି କାହିଁକି ଅନ୍ୟାୟ କରାଯାଇଛି ବୋଲି ପ୍ରଶ୍ନ ଉଠାଉଛନ୍ତି ବୁଦ୍ଧିଜୀବୀ। ତୁରନ୍ତ ଘର ୱାରି ସର୍ଭେ କରି ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ଯୋଗାଇ ଦେବାକୁ ଦାବି ହେଉଛି। ଏ ନେଇ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ କଣ ହୋଇଛି ଷ୍ଟାଫ ପଠାଇ ଅନୁଧ୍ୟାନ କରି ଉଚିତ ପଦକ୍ଷେପ ନେବି ବୋଲି ସେ କହିଛନ୍ତି।

## ସାମୂହିକ ଛୁଟିରେ ପ୍ରାଣୀ ଚିକିତ୍ସକ, ଅସୁବିଧାରେ ଲୋକେ

ଉମରକୋଟ, ୨୮।୧(ସନ୍ତୋଷ ଶତପଥୀ)

ଓଡ଼ିଶା ପ୍ରାଣୀ ଚିକିତ୍ସା ସେବା ସଂଘ ଆହ୍ୱାନକ୍ରମେ ପ୍ରାଣୀ ଚିକିତ୍ସକମାନେ ୪ ଦଫା ଦାବିକୁ ନେଇ ୧୮ରୁ ସାମୂହିକ ଛୁଟିରେ ଅଛନ୍ତି। ଫଳରେ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ପ୍ରାଣୀ ଚିକିତ୍ସା ସେବା ବ୍ୟବସ୍ଥାରେ ବ୍ୟାପକ ରୂପାନ୍ତରଣ ଯଥା ୨୪ ଘଣ୍ଟା ସେବା ବ୍ୟବସ୍ଥା, ବିଶେଷଜ୍ଞ ସେବା ବ୍ୟବସ୍ଥା, ଜଟିଳ ରୋଗାକ୍ରାନ୍ତ ପ୍ରାଣୀମାନଙ୍କ ସ୍ଥାନାନ୍ତରଣ ସୁବିଧା,ନିଃଶୁଳ୍କ ସେବା ଯୋଗାଇ ଦେବାକୁ ଦାବି ରହିଛି। ଓଡ଼ିଶାର ପ୍ରାଣୀ ଚିକିତ୍ସକଙ୍କୁ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକଙ୍କ ସହ ସମାନ ପଦୋନ୍ନତି (ଡିଏସିପି) ଏନପିଏ ସୁବିଧା, ରାଜ୍ୟରେ ପ୍ରାଣୀ ଗଣନା ଓ ଜନସାଧାରଣଙ୍କ ଆବଶ୍ୟକତା ଆଧାରରେ ଡାକ୍ତର ପଦବୀ ସୃଷ୍ଟି, ଡାକ୍ତର ନିଯୁକ୍ତି ଓ କ୍ୟାଡର ପୁନର୍ଗଠନ ପାଇଁ ଦାବି ରହିଛି। ସରକାର ଦାବି ପୂରଣ କରୁ ନ ଥିବାରୁ ସାମୂହିକ ଛୁଟିରେ ଥିବା ପ୍ରାଣୀ ଚିକିତ୍ସକମାନେ କହିଛନ୍ତି। ଫଳରେ ଦୀର୍ଘ ୧୧ ଦିନ ହେବ ପୋଷା କୁକୁର, ଗାଈ, ଛେଳି, ମେଣ୍ଢା, ବତକ, କୁକୁଡ଼ା ଚାଷୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉମରକୋଟ ଭଳି ଉପାନ୍ତ ଅଞ୍ଚଳର ଲୋକେ ଚାଷ ଉପରେ ନିର୍ଭର କରନ୍ତି। ବର୍ତ୍ତମାନ ସରକାରଙ୍କ ପ୍ରଚେଷ୍ଟାରୁ କେତେଜଣ ଯୁବ ବ୍ୟବସାୟୀ କୁକୁଡ଼ା, ଛେଳି, ଦୁଗ୍ଧ ଚାଷ କରୁଛନ୍ତି। ପ୍ରାଣୀ ଚିକିତ୍ସକଙ୍କ ସାମୂହିକ ଛୁଟି ଯୋଗୁ କୁକୁଡ଼ା, ଛେଳି, ବତକ, ଗାଈଙ୍କୁ ରୋଗହେଲେ ଚିକିତ୍ସା ସୁବିଧା ମିଳିପାରୁନି। ଅନ୍ୟପଟେ ସାଧାରଣ ଲୋକେ ମଧ୍ୟ ଗୃହପାଳିତ ପ୍ରାଣୀଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ଆଣି ନିରାଶ ହୋଇ ଫେରୁଛନ୍ତି। ପ୍ରାଣୀ ଚିକିତ୍ସକଙ୍କ ସାମୂହିକ ଛୁଟି ଯୋଗୁ ଉମରକୋଟ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଉପରେ ନିର୍ଭର କରି ଛେଳିଚାଷ କରୁଥିବା ୩ଏସ୍‌ଏଚ୍‌ଜି ମହିଳା, ୮ଟି ବ୍ରୟଲର କୁକୁଡ଼ା ଚାଷୀ କୁକୁଡ଼ାଙ୍କ ଚିକିତ୍ସାକୁ ନେଇ ଚିନ୍ତାରେ ଅଛନ୍ତି। ୩ଜଣ ଚାଷୀ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ପ୍ରୋତ୍ସାହନ ରାଶି ପାଇବାରୁ ବଞ୍ଚିତ ଅଛନ୍ତି। ସେହିଭଳି ୧୨ ଜଣ ଆଜୋଲା ଚାଷୀ ମଧ୍ୟ ପ୍ରୋତ୍ସାହନ ରାଶି ପାଇବାରୁ ବଞ୍ଚିତ ଅଛନ୍ତି। ସେହିଭଳି ୫ଟି ଅଣ୍ଡାଦିଆ କୁକୁଡ଼ା ଚାଷୀ ମଧ୍ୟ କୁକୁଡ଼ାଙ୍କୁ ନେଇ ଚିନ୍ତାରେ ରହିଛନ୍ତି। ଅଧିକାରୀଙ୍କ ସାମୂହିକ ଛୁଟି ଯୋଗୁ ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀ ଯୋଜନା ସବୁ ବନ୍ଦ ହୋଇ ପଡ଼ିଛି। ତେଣୁ ସରକାର ପ୍ରାଣୀ ଚିକିତ୍ସକଙ୍କ ଦାବିକୁ ନେଇ ଚିନ୍ତା ନ କରନ୍ତି ତାହେଲେ ଅନେକ ପ୍ରାଣୀଙ୍କ ମୃତ୍ୟୁ ହେବା ସହ ଅନେକ ଚାଷୀ ଲକ୍ଷାଧିକ ଟଙ୍କା କ୍ଷତି ସହିବେ ବୋଲି ବୁଦ୍ଧିଜୀବୀ ଆଶଙ୍କା କରିଛନ୍ତି।





ଗୃହପାଳିତ ପ୍ରାଣୀର ଚିକିତ୍ସା ପାଇଁ ଆସିଥିବା ଜଣେ ବ୍ୟକ୍ତି ନିରାଶ ହୋଇ ଫେରୁଛନ୍ତି।

